■ ବନ୍ୟା, ବାତ୍ୟା କ୍ଷତି ପ୍ରସଙ୍ଗ

# କ୍ଷତିପୂରଣ, ରିଲିଫ୍ ନେଇ ବୈଠକ କଲେ ଯୋଗାଣ ମନ୍ତ୍ରୀ

ଛତ୍ରପୁର,୧୪।୧୦(ଡି.ଏନ.ଏ)


ବୈଠକରେ ମନ୍ତ୍ରୀ, ଜିଲାପାଳ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ବାତ୍ୟା ଓ ବନ୍ୟା ପରେ ଗଞ୍ଜାମରେ କିଭଳି ରାସ୍ତା ର ପୁନରୁଦ୍ଧାର, ଚାଷୀଙ୍କୁ କ୍ଷତିପୂରଣ ଏବଂ ରିଲିଫ୍ ଅର୍ଥ ମିଳିବ ସେ ଉପରେ ଗୁରୁତ୍ୱ ଦିଆଯାଇଛି। ରବିବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଡିଆରଡିଏ ପିଡିଙ୍କ ସମ୍ମିଳନି ଗୃହରେ ଏକ ବୈଠକ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ମନ୍ତ୍ରୀ ପାତ୍ର କହିଥିଲେ, ୧୫ ଦିନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରିଲିଫ ବାବଦରେ ପ୍ରଭାବିତ ଲୋକଙ୍କୁ ଅର୍ଥ ଦେବାକୁ ଘୋଷଣା କରିଛନ୍ତି। ପ୍ରତି ପ୍ରଭାବିତ ଲୋକଙ୍କୁ ଦୈନିକ ୬୦ ଟଙ୍କା ଓ ୧୨ ବର୍ଷରୁ କମ୍ ପିଲାଙ୍କୁ ଦୈନିକ ୪୫ ଟଙ୍କା ରିଲିଫ ବାବଦରେ ମିଳିବ। ପଞ୍ଚାୟତରେ ଏହା ବଣ୍ଟନ ହେବ। ପରିଚୟ ପତ୍ର ଦେଖାଇ ଏହି ଅର୍ଥ ଲୋକେ ପାଇପାରିବେ। ସୋମବାର ଠାରୁ ଏହି କାମ ଆରମ୍ଭ ଆରମ୍ଭ ହେବ ବୋଲି ମନ୍ତ୍ରୀ ପାତ୍ର ଖବରଦାତା ମାନଙ୍କୁ କହିଥିଲେ। ବିପର୍ଯ୍ୟୟ ପାଣ୍ଠିରୁ ଚାଷୀମାନେ କ୍ଷତିପୂରଣ ପାଇବେ। ଏଥିସହ ପ୍ରଧାନମନ୍ତ୍ରୀ ଫସଲ ବୀମା ରେ ଚାଷୀ ମାନଙ୍କୁ କ୍ଷତିପୂରଣ ପାଇଁ ରାଜସ୍ୱ ଓ କୃଷି ବିଭାଗ ମିଳିତ ଭାବେ ରିପୋର୍ଟ ପ୍ରସ୍ତୁତ କରିବେ, ଏହାପରେ ଚାଷୀମାନଙ୍କୁ କ୍ଷତିପୂରଣ ମିଳିବ। ବନ୍ୟା, ବାତ୍ୟାରେ କ୍ଷତିଗ୍ରସ୍ତ ରାସ୍ତାର ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତ ସମିତି, ରାସ୍ତା ଓ କୋଠାବାଡି ବିଭାଗ ମାନେ ତ୍ୱରାନ୍ୱିତ କରିବେ। ଦୁର୍ବଳ ଓ କ୍ଷତିଗ୍ରସ୍ତ ନଦୀବନ୍ଧର ପୁନରୁଦ୍ଧାର କାମ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଥିଲେ। ଏହାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଘର ଭାଙ୍ଗିଥିଲେ ବିପର୍ଯ୍ୟୟ ରିଲିଫ୍ କୋଡରେ ଲୋକଙ୍କୁ କ୍ଷତିପୂରଣ ମିଳିବ। ଏମାନଙ୍କୁ ବିଜୁ ପକ୍କାଘର ଯୋଜନାରେ ସାମିଲ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଦିଗପହଣ୍ଡି/ପାଟପୁର, ୧୪।୧୦ (ଡି.ଏନ.ଏ.)–

ପାଟପୁର ଥାନା ଛଣମେରୀ ପଞ୍ଚାୟତ ଦ୍ୱିତୀୟ ଖଣ୍ଡଦୋଳି ଗ୍ରାମର ଜଣେ ମହିଳାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ସୁମିତ୍ରା ବେହେରା। ରବିବାର ସକାଳେ ସୁମିତ୍ରା ଚେତାଶୂନ୍ୟ ଅବସ୍ଥାରେ ଘରେ ପଡ଼ିଥିଲେ। ତାଙ୍କ ପାଟିରୁ ଫେଣ ବାହାରୁ ଥିବାରୁ ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁମିତ୍ରାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏ ନେଇ ପାଟପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୧୮) ରୁଜୁ ହୋଇଛି।

ସାନଖେମୁଣ୍ଡି ବ୍ଲକ ନରସିଂହଗଡ଼ ଗ୍ରାମର ବଳରାମ ପ୍ରଧାନଙ୍କ ଝିଅ ସୁନୀତା ୨୦୦୯ ମସିହାରେ ଦ୍ୱିତୀୟ ଖଣ୍ଡଦୋଳି ଗ୍ରାମର ବୁଲୁ ବେହେରାଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ବୁଲୁ ପୁଣି ୨୦୧୫ ମସିହାରେ ସୁନୀତାଙ୍କ ଭଉଣୀଙ୍କୁ ମନ୍ଦିରରେ ଦ୍ୱିତୀୟ ବିବାହ କରି ଘରକୁ ନେଇଥିଲେ। ଶନିବାର କୌଣସି କାରଣରୁ ଦୁଇ ସଉତୁଣୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ବୋଲି ପୋଲିସର ପ୍ରାରମ୍ଭିକ ତଦନ୍ତରୁ ସୂଚନା ପାଇଛି। ରବିବାର ସକାଳେ ଘରେ କେହି ନ ଥିବା ବେଳେ ସୁମିତ୍ରା ମାନସିକ ଭାରସାମ୍ୟ ହରାଇ କୀଟନାଶକ ଖାଇ ଦେଇଥିବା ବୁଲୁ ବୟାନ ଦେଇଥିବା ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି।

# ନବରାତ୍ରି ପୂଜା

ଗଞ୍ଜାମ,୧୪।୧୦(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଦୁର୍ଗାଦେବୀ ସାହିରେ ଥିବା ମା’ ଦୁର୍ଗା ଏବଂ ରାମଗଡ଼ ପଞ୍ଚାୟତ ଝାଟିପଦର ଗ୍ରାମରେ ବିଜେ ମା’ ବୁଢ଼ୀ ଠାକୁରାଣୀ ମନ୍ଦିରରେ ନବରାତ୍ର ପୂଜା ଚାଲିଛି। ପ୍ରତ୍ୟହ ଚଣ୍ଡିପାଠ, ତ୍ରିକାଳ ଉପଚାର ପୂଜା କରାଯାଉଛି। ସନ୍ଧ୍ୟାରେ ଆଳତି ପରେ ପଣାଭୋଗ କରାଯାଉଛି। ପୀଠ ଦୁଇଟିରେ ସପ୍ତମୀ, ଅଷ୍ଟମୀ ଓ ନବମୀ ପୂଜା ନିମନ୍ତେ ସମସ୍ତ ପ୍ରସ୍ତୁତି ସରିଛି। ନବରାତ୍ର ପୂଜା ଲାଗି ଉଭୟ ଗ୍ରାମ ଉତ୍ସବମୁଖର ହୋଇଛି।

# ସିପିଆଇ, ସିପିଏମ୍ ଟିମ୍ର ବନ୍ୟାଞ୍ଚଳ ପରିଦର୍ଶନ

ଗଞ୍ଜାମ,୧୪।୧୦(ଡି.ଏନ.ଏ.)

ବନ୍ୟାରେ ଗଞ୍ଜାମ ବ୍ଲକର ରାଜପୁର, କରପଡ଼ା, ଯୁଡିଏସପୁର ଓ ପୋଇରାଶି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ପ୍ରାୟ ୧୬ ହଜାର ହେକ୍ଟର ଜମିରେ ବନ୍ୟାଜଳ ମାଡ଼ିଛି। ଏବେ ବି କେତେକ ଗ୍ରାମ ପାଣି ଘେରରେ ରହିଛି। ସେଠାକୁ ଗମନାଗମନ ଠପ୍ ହୋଇଯାଇଛି। ଶନିବାର ଭାରତୀୟ କମ୍ୟୁନିଷ୍ଟ ଓ ସିପିଏମ ଦଳର ପ୍ରତିନିଧିମାନେ ପୃଥକ ଭାବେ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣରେ ରିଲିଫ ଯୋଗାଇବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଯୁଦ୍ଧକାଳୀନ ଭିତ୍ତିରେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ଉଭୟ ଦଳ ଦାବି କରିଛନ୍ତି। ସିପିଆଇର ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ, ଜୋନ ସମ୍ପାଦକ ପୂର୍ଣ୍ଣ ରଥ, ଏଆଇୱାଇଏଫର ସମ୍ପାଦକ ବି. ଦଣ୍ଡପାଣି ପାତ୍ର ଏବଂ ସିପିଏମର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସରପଞ୍ଚ ତଥା ଆଞ୍ଚଳିକ କମିଟି ସମ୍ପାଦକ ଦିଲୀପ ଛଟରାଏ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପି. ହରେକୃଷ୍ଣ ରେଡ୍ଡୀ ପ୍ରମୁଖ ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରିଥିଲେ।

# ସାପ କାମୁଡ଼ାରେ ଛାତ୍ରୀ ମୃତ

କନିଷି, ୧୪।୧୦ (ଡି.ଏନ.ଏ.)

ଗୋଳନ୍ଥରା ଥାନା ଗୋଳନ୍ଥରା ମାମୁଁ ଭଣଜା ସାହିରେ ସାପ କାମୁଡ଼ାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେହେଲେ ବିପିନି ଜେନାଙ୍କ ଝିଅ ସିଲି ଜେନା (୧୬)। ସିଲି ୧୨ ତାରିଖରେ ଘରେ ଶୋଇଥିବା ବେଳେ କୌଣସି ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୧୩ରେ ମୃତ୍ୟୁ ଘଟିଥିଲା। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ମେଡ଼ିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା


ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବିଧାୟକ।

ପୋଲସରା, ୧୪।୧୦ (ଡି.ଏନ.ଏ.)– ପୋଲସରା ବ୍ଲକ କଳମ୍ବ ପଞ୍ଚାୟତର ଦେଉଳପଲ୍ଲୀ, ଖଣ୍ଡୁରୁ ପଞ୍ଚାୟତର ଚଢ଼ିଆପଡ଼ା, କଙ୍କୋରଡ଼ା, ଶ୍ରଦ୍ଧାପୁର, ଜାଗିରି, ଡେଙ୍ଗାପଦର ପଞ୍ଚାୟତ, ବୁଡ୍ଢେଇଶୁଣି ପଞ୍ଚାୟତର ଲକ୍ଷ୍ମଣପଲ୍ଲୀ ଓ ମଧୁପଲ୍ଲୀ ପଞ୍ଚାୟତରେ ରବିବାର ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଶ୍ରଦ୍ଧାପୁରରେ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ଜାଗିରି, ଡେଙ୍ଗାପଦର ପଞ୍ଚାୟତରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୯ଟି ପ୍ରକଳ୍ପ, ମଧୁପଲ୍ଲୀ ପଞ୍ଚାୟତରେ ମଧ୍ୟ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏଥିରେ ସାଧାରଣ ଜନତାଙ୍କ ପାଇଁ ନବୀନବାବୁ ସମସ୍ତ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିସହ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦେଇଥିବା ମଧ୍ୟ କହିଥିଲେ। ଆଗକୁ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡିକୁ ଅଧିକରୁ ଅଧିକ ସଙ୍ଗଠିତ ହୋଇ ମଜଭୁତ କରି ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ଉକ୍ତ ପଦଯାତ୍ରାରେ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷା ସଞ୍ଜୁକ୍ତା ବାଡ଼ତ୍ୟା, ଅଶୋକ ବିଶୋୟୀ, ସୁକାନ୍ତ ଭୂୟାଁ, ବସନ୍ତ କରଣଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀ ସାମିଲ ଥିଲେ।

# ଜୁଆଆଡ୍ଡାରେ ଚଢ଼ାଉ, ୬ ଗିରଫ

ଗୋପାଳପୁର,୧୪।୧୦–ଜୁଆଆଡ୍ଡା ଉପରେ ଗୋପାଳପୁର ଥାନା ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ୪ ହଜାର ୮୦୦ ଟଙ୍କା ଓ ତାସ ମୁଠା ଜବତ ହୋଇଛି। ରବିବାର ଉକ୍ତ ଥାନା ନାରାୟଣପୁର ଗ୍ରାମରେ ଜୁଆଖେଳ ଚାଲୁଥିବା ଖବର ପାଇ ମଧ୍ୟାହ୍ନ ପ୍ରାୟ ୨ଟାରେ ଗୋପାଳପୁର ଥାନା ପୋଲିସ ଚଢ଼ାଉ କରି ୬ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ କେତେକ ଜୁଆଡ଼ି ଚମ୍ପଟ ମାରିଛନ୍ତି। ଏନେଇ ନଂ. ୧୨୯/୧୮ରେ ମାମଲା ରୁଜୁ କରାଯାଇଛି।

■ ୪ ଦିନ ପରେ ପହଞ୍ଚିଲା ରିଲିଫ

# ବିଡିଓ, ଅଧ୍ୟକ୍ଷଙ୍କୁ ଘେରିଲେ ସରଭୀମପୁରବାସୀ

ଛତ୍ରପୁର,୧୪।୧୦(ଡି.ଏନ.ଏ)


ବିଡିଓ, ଅଧ୍ୟକ୍ଷଙ୍କୁ ଲୋକେ ଘେରାଉ କରିଛନ୍ତି।

ଛତ୍ରପୁର ବ୍ଲକ ପକ୍ଷରୁ ରିଲିଫ ବଣ୍ଟନରେ ଅବ୍ୟବସ୍ଥା ହୋଇଛି ବିଭିନ୍ନ ସ୍ଥାନରେ ଲୋକଙ୍କୁ ୪ ଦିନ ପରେ ମଧ ରିଲିଫ ମିଳନି । ଫଳରେ ଲୋକେ ପାଣି। ଘେରରେ ଭୋକ ଉପାସରେ ଅଛନ୍ତି। ଏ ନେଇ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ବ୍ଲକର ଏକ ଟିମ୍ ରବିବାର ଟ୍ରାକ୍ଟର ଯୋଗେ ରିଲିଫ ସାମଗ୍ରୀ ନେଇ ପାଣି ଘେରରେ ଥିବା ପୋଟ୍ଟଲାମପୁର ପଞ୍ଚାୟତର ସରଭୀମପୁର ଗାଁରେ ପହଞ୍ଚିଥିଲେ। ଲୋକେ ଉତ୍ତେଜିତ ହୋଇ ଏ ପର୍ଯ୍ୟନ୍ତ କାହିଁକି ରିଲିଫ ଆସୁ ନ ଥିଲା ବୋଲି ପ୍ରଶ୍ନ କରିଥିଲେ । ପାଣି ଥିବାରୁ ଆସିପାରୁ ନ ଥିଲୁ ବୋଲି ବ୍ଲକରୁ ଯାଇଥିବା ଟିମ୍ ପକ୍ଷରୁ କୁହାଯାଇଥିଲା। ଗ୍ରାମକୁ ଡଙ୍ଗାରେ କାହିଁକି ରିଲିଫ ଅଣାଗଲା ନାହିଁ ବୋଲି ପୁଣି ଲୋକେ ପଚାରି ରିଲିଫ୍ ନ ନେଇ ବିଡିଓ, ଅଧ୍ୟକ୍ଷ ଏଠାକୁ ଆସନ୍ତୁ ବୋଲି କହିଥିଲେ । ଫଳରେ ଉକ୍ତ ଟିମ୍ ସେଠାରେ ଅଟକ ରହିଥିଲେ। ଜିଲାପରିଷଦ ସଭ୍ୟ ଏସ୍. କିଶୋର ରେଡ୍ଡୀ ଲୋକଙ୍କୁ ବୁଝାଶୁଝା କରିଥିଲେ । ପରେ କୌଣସି ଉପାୟ ନ ପାଇ ବିଡିଓ ସଚ୍ଚିଦାନନ୍ଦ ନାୟକ, ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଏବଂ ସ୍ଥାନୀୟ ପଞ୍ଚାୟତର ଜନପ୍ରତିନିଧି ଅପରାହ୍ନ ୪ ଟାରେ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ ଲୋକେ ଶୁଣିବାକୁ ନାରାଜ ଥିଲେ । ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ଲକ କର୍ତ୍ତୃପକ୍ଷ ଭୁଲ ସ୍ୱୀକାର କରିବା ପରେ ଲୋକେ ରିଲିଫ ନେଇଥିଲେ। ପାଣି ଥିବାରୁ ଆସି ପାରୁ ନ ଥିଲୁ ବୋଲି ବିଡିଓ କହିଥିଲେ।



## ସଂକ୍ଷେପରେ

### ବାତ୍ୟା, ବନ୍ୟା ମୁକାବିଲାରେ ସରକାର ବିଫଳ

ବ୍ରହ୍ମପୁର ଅଫିସ,୧୪।୧୦: ସାମୁଦ୍ରିକ ବାତ୍ୟା ତିତ୍‌ଲି ଓ ବନ୍ୟା ମୁକାବିଲାରେ ରାଜ୍ୟ ସରକାର ବିଫଳ ହୋଇଥିବା ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଅଭିଯୋଗ କରିଛି। ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ତିତଲିର ତାଣ୍ଡବ ଓ ବନ୍ୟାରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ଆଗୁଆ ନିଆଯାଇଥିବା ସତର୍କତାମୂଳକ ପଦକ୍ଷେପ ସରକାରୀ ପ୍ରଚାର ପ୍ରହସନରେ ପରିଣତ ହୋଇଥିବା ବ୍ରହ୍ମପୁରରେ ଅନୁଷ୍ଠିତ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଜରୁରୀ ବୈଠକରେ ସମାଲୋଚନା କରାଯାଇଛି। ଆବାହକ ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମୀକ୍ଷା ପରେ ଏହା କୁହାଯାଇଛି। ଆବାହକ କହିଛନ୍ତି, ଗଜପତି ଜିଲାର ରାୟଗଡ଼ ବ୍ଲକରେ ବର୍ଷା ଓ ପବନରୁ ରକ୍ଷା ପାଇବା ପାଇଁ ପାହାଡ଼ ଗୁମ୍ଫାରେ ଲୋକେ ଆଶ୍ରୟ ନେଇଥିବା ବେଳେ ପାହାଡ଼ ଧସି ବର୍ତ୍ତମାନ ସୁଦ୍ଧା ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଥିବା ବେଳେ ମୋହନା ଓ କାଶୀନଗର ବ୍ଲକରେ ମାଟିକାନ୍ଥ ଭୁଶୁଡ଼ି ୩ ଜଣଙ୍କ ଜୀବନ ଯାଇଛି। ସେହିପରି ସୋରଡ଼ା ବ୍ଲକରେ ବନ୍ୟାରେ ଭାସି ୬ ଜଣ ନିଖୋଜ ହୋଇଛନ୍ତି। ଦୁର୍ବିପାକରୁ ରକ୍ଷା କରିବା ପାଇଁ ଲକ୍ଷାଧିକ ଲୋକଙ୍କୁ ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ବ୍ୟାପକ ପ୍ରଚାର ହୋଇଥିଲା। ତଥାପି ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା। ଅନେକ ଆହତ ମଧ ହୋଇଛନ୍ତି। ମୃତକଙ୍କ ପରିବାରକୁ ସରକାର ତୁରନ୍ତ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ଓ ଫସଲ କ୍ଷତି ସହିଥିବା ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ପରିଷଦ ଦାବି କରିଛି।

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

ବ୍ରହ୍ମପୁର ଅଫିସ,୧୪।୧୦: ବ୍ରହ୍ମପୁର ଟାଉନ ଥାନା ଅଧୀନ ବଗୁଲି ସାହିରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡି.ଜାନକୀ (୫୩)। ଜାନକୀ ପୂର୍ବାହ୍ନରେ ନିଜ ଘର ସଫା କରୁଥିବା ବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଜାନକୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଟାଉନ ଥାନାରେ ନଂ.୧୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ତିତ୍‌ଲିରେ ଆଖୁ ଚାଷ ନଷ୍ଟ

ପୋଲସରା,୧୪।୧୦(ଡି.ଏନ.ଏ.): ତିତଲି ପ୍ରଭାବରେ ଶହ ଶହ ହେକ୍ଟର ଧାନ ଫସଲ ନଷ୍ଟ ହେବା ସହିତ ଆଖୁ ଚାଷ ମଧ ନଷ୍ଟ ହୋଇଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ବୁଢ଼େଇଶୁଣୀ ପଞ୍ଚାୟତର ଲକ୍ଷ୍ମଣପଲ୍ଲୀ ଗ୍ରାମରେ। ଉକ୍ତ ଗ୍ରାମର ଉଗ୍ରସେନ ସାହୁ ସେବା ସମବାୟ ସମିତିରୁ ଋଣ ଆଣି ୩ ଏକର ଆଖୁ ଫସଲ କରିଥିଲେ। ବାତ୍ୟାରେ ଆଖୁ ଚାଷ ନଷ୍ଟ ହୋଇଯାଇଛି। ଉଗ୍ରସେନ କହିଛନ୍ତି ଫସଲ ନଷ୍ଟ ହେଲା ଋଣ ଶୁଝିବୁ କିପରି। ପ୍ରଶାସନ କ୍ଷତିପୂରଣ ବାବଦକୁ ସହାୟତା ପ୍ରଦାନ କରନ୍ତୁ କିମ୍ବା ଋଣ ଛାଡ଼ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହେଉଛି।

## ତିତ୍‌ଲି ବାତ୍ୟା, ବର୍ଷାର ତାଣ୍ଡବ

# ଧ୍ୱଂସ ହୋଇଗଲା ପୁରିଆସାହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

- ଧୋଇଯାଇଛି ପର୍ଶୁରାମ କୁଣ୍ଡ
- ଆଦିବାସୀ ପଞ୍ଚାୟତ ବାସିନ୍ଦା ପ୍ରଭାବିତ
- ଯୋଜନା ପୁନଃ ନିର୍ମାଣ ଦାବି କଲେ ଚିନ୍ତାମଣି

ବ୍ରହ୍ମପୁର ଅଫିସ,୧୪।୧୦


ଧ୍ୱଂସ ହୋଇଯାଇଥିବା ପୁରିଆସାହି ଡ୍ୟାମ।

ସାମୁଦ୍ରିକ ବାତ୍ୟା ତିତଲି ତାଣ୍ଡବରେ ଗଞ୍ଜାମ ଜିଲାର ପୂରିଆ ସାହି କ୍ଷୁଦ୍ର ଜଳସେଚନ ଯୋଜନା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଆନ୍ଧ୍ର ସୀମାନ୍ତର ପାତ୍ରପୁର ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ପୂରିଆ ସାହି ଗ୍ରାମ ନିକଟରେ ୩୬ ବର୍ଷ ତଳେ ଅର୍ଥାତ ୧୯୮୨ରେ ମାଇନର ଇରିଗେଶନ ବିଭାଗ ଦ୍ୱାରା ଯୋଜନାର ହେଡୱାର୍କ (ବନ୍ଧ) ନିର୍ମିତ ହୋଇଥିଲା। ଚିର ମରୁଡ଼ିଗ୍ରସ୍ତ ପାତ୍ରପୁର ବ୍ଲକର ୨୫ରୁ ୩୦ ଖଣ୍ଡ ଗ୍ରାମର ୮ ଶହରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିକୁ ଜଳସେଚନ କରାଯାଉଥିଲା। ଗଜପତି ଜିଲାର ମହେନ୍ଦ୍ରଗିରି ପର୍ବତରୁ ନିର୍ଗତ ଏକ ଝରଣାର ପାଣିକୁ ଅଟକାଇ ପୁରିଆ ସାହି ଡ୍ୟାମ କରାଯାଇଥିଲା। ସେହି ଡ୍ୟାମ ପରିସରରେ ଐତିହାସିକ ପର୍ଶୁରାମ କୁଣ୍ଡ ଥିଲା। ପୁରାଣ ବର୍ଣ୍ଣିତ ତଥ୍ୟାନୁସାରେ ସ୍ୱୟଂ ପର୍ଶୁରାମ ସେଠାରେ ତପସ୍ୟା କରିଥିଲେ। ତେଣୁ ତାହାର ନାମ ପର୍ଶୁରାମ କୁଣ୍ଡ ରଖାଯାଇଥିଲା ଓ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ମଧ ସ୍ଥାପନ ହୋଇଥିଲା। ଡ୍ୟାମ ସହ ପର୍ଶୁରାମ କୁଣ୍ଡ ଓ ପ୍ରତିମୂର୍ତ୍ତି ମଧ ନିଶ୍ଚିହ୍ନ ହୋଇଯାଇଛି।

ଯୋଗାଯୋଗ ବେଳେ ପୁରିଆ ସାହି ଯୋଜନାର ଏସଡିଓ ତଥା ସହକାରୀ ଇଞ୍ଜିନିୟର କହିଛନ୍ତି, ୧୧ ତାରିଖରେ ସାମୁଦ୍ରିକ ବାତ୍ୟା ତିତ୍‌ଲି ଆନ୍ଧ୍ରପ୍ରଦେଶର ପଲାସା ନିକଟରେ ଲ୍ୟାଣ୍ଡଫଲ କରିଥିଲା। ଯୋଜନାର ନିକଟତର ହୋଇଥିବାରୁ ତାର ପ୍ରଭାବ ପଡ଼ିଥିଲା। ତେଣୁ ପୁରିଆ ସାହି ପ୍ରକଳ୍ପ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ସେ ଆହୁରି କହିଛନ୍ତି, ଗୁରୁବାର ଘଟିଥିବା ଏହି ତାଣ୍ଡବରେ ଜରଡ଼ା ଠାରୁ ପୁରିଆ ସାହି ପର୍ଯ୍ୟନ୍ତ ରାସ୍ତା ଉପରେ ଅନେକ ଗଛ ଭାଙ୍ଗି ପଡ଼ିଥିବାରୁ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥିଲା। ବାତ୍ୟାର ପ୍ରକୋପ କମିବା ବେଳେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଥିଲା। ତେଣୁ ବହୁ କଷ୍ଟରେ ସେ ଓ ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଧ୍ୱଂସଲୀଳାର ଫଟୋ ଉଠାଇ କ୍ଷୟକ୍ଷତି ନେଇ ବିଭାଗ ଜରିଆରେ ସରକାରଙ୍କୁ ରିପୋର୍ଟ ପଠାଯାଇଛି। ପୁନର୍ବାର ପୁରିଆ ସାହି ପ୍ରକଳ୍ପ ନିର୍ମାଣ ଜରୁରୀ ହୋଇପଡ଼ିଥିବା ସହକାରୀ ଇଞ୍ଜିନିୟର ସୂଚାଇଛନ୍ତି। ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ପାତ୍ରପୁର ବ୍ଲକ ଅନ୍ତର୍ଭୁକ୍ତ।

ଅପରପକ୍ଷରେ ବିଧାନସଭା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା କହିବାନୁସାରେ ୧୯୮୦ ନିର୍ବାଚନରେ ସେ ପ୍ରଥମେ ବିଧାୟକ ହୋଇଥିଲେ। ମରୁଡ଼ି ଦାଉରୁ ଅଞ୍ଚଳବାସୀଙ୍କୁ ରକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇ ଯୋଜନା ପାଇଁ ଅନୁମୋଦନ କରାଇଥିଲେ। ୧୯୮୨ରେ ହେଡୱାର୍କ ନିର୍ମିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କେନାଲ ନିର୍ମାଣ କରାଯାଇଥିଲା। ଏବେ ପୁରିଆ ସାହି ଯୋଜନା ଧ୍ୱଂସ ହୋଇଯାଇଛି ଏବଂ ପର୍ଶୁରାମ କୁଣ୍ଡ ଓ ଭଗବାନ ପର୍ଶୁରାମଙ୍କ ମୂର୍ତ୍ତି ଭାସିଯାଇଛି। ଫଳରେ ପର୍ଯ୍ୟଟନ ସ୍ଥଳିର ସତ୍ତା ଲୋପ ପାଇଛି। ତେଣୁ ରାଜ୍ୟ ସରକାର ପୁନର୍ବାର ପୁରିଆ ସାହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଦ୍ୟାନସାମନ୍ତରା ଦାବି କରିଛନ୍ତି। ସେ ଆହୁରି ସୂଚାଇଛନ୍ତି ପାତ୍ରପୁର ବ୍ଲକର ଆଙ୍କୁଲି, ତୁମ୍ପା, ବୁରତାଲ ଆଦିବାସୀ ପଞ୍ଚାୟତର ହଜାର ହଜାର ଲୋକ ତିତଲି ବାତ୍ୟା ଓ ପ୍ରବଳ ବର୍ଷା ବିପ୍ରାତରେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଶହ ଶହ ଛପର ଘର ବାତ୍ୟାରେ ଉଡ଼ି ଯାଇଛି। କେବଳ ସେତିକି ନୁହେଁ ବାଘଲଟି ଡ୍ୟାମରୁ ବିନା ସତର୍କ ସୂଚନାରେ ଗେଟ ଖୋଲାଯିବା ଏବଂ ବଗିନଦୀର ବନ୍ୟା ଜଳରେ ଅନେକ ଅଞ୍ଚଳବାସୀ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସଠିକ ଆକଳନ କରାଯାଇ କ୍ଷତିଗ୍ରସ୍ତମାନଙ୍କୁ ସରକାର ସହାୟତା ଦେବା ଉପରେ ପୂର୍ବତନ ବାଚସ୍ପତି ଗୁରୁତ୍ୱାରୋପ କରିଛନ୍ତି।

## ଅନିଲ ପାତ୍ର ପାଇଲେ ସଂସ୍କୃତିମିତ୍ର ସମ୍ମାନ



ବ୍ରହ୍ମପୁର ଅଫିସ,୧୪।୧୦

ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟ ଓ ମଞ୍ଚ ନାଟକର ପ୍ରଚାର ପ୍ରସାର ପାଇଁ ବ୍ରହ୍ମପୁର ନାଟ୍ୟସଂସ୍ଥା ଓଡ଼ିଶା ନାଟକ ସମାରୋହ ସମିତିର ସଭାପତି ଅନିଲ ପାତ୍ରଙ୍କୁ ସଂସ୍କୃତି ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ଶୁକ୍ରବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ନାଟ୍ୟାନୁଷ୍ଠାନ ପଞ୍ଚମବେଦର ୧୭ତମ ବାର୍ଷିକୋତ୍ସବ ଅବସରରେ ଓଡ଼ିଶା କଳା, ସଂସ୍କୃତି, ସାହିତ୍ୟ ଓ ମଞ୍ଚ ନାଟକକୁ ବଞ୍ଚାଇ ରଖିବା ଦିଗରେ କାର୍ଯ୍ୟ କରି ଆସୁଥିବା ୯ ବ୍ୟକ୍ତିତ୍ୱଙ୍କୁ ସଂସ୍କୃତିମିତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରେ ଦକ୍ଷିଣ ଓଡିଶାରେ ନାଟକର ପ୍ରଚାର ପ୍ରସାର ପାଇଁ ଅନିଲଙ୍କୁ ଏହି ସମ୍ମାନ ମିଳିଛି। ପଞ୍ଚମବେଦର କାର୍ଯ୍ୟକାରୀ ସଭାପତି ହରେନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଓଡିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲା ଫୁଟବଲ୍ ଲିଗ୍: ସେମିଫାଇନାଲ୍ ଆଜି

# ସମସ୍ତ ମ୍ୟାଚ୍‌ରେ ୱାକ୍ ଓଭର୍

ବ୍ରହ୍ମପୁର ଅଫିସ,୧୪।୧୦

ଗଞ୍ଜାମ ଜିଲା ଫୁଟବଲ୍ ଲିଗ୍‌ର ସେମିଫାଇନାଲ୍ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇସାରିଛି। ସୋମବାର ପ୍ରଥମ ସେମିଫାଇନାଲ୍ ଗ୍ରୁପ୍-ଏ'ର ଚାମ୍ପିୟନ୍ କାଶିରାମ ଫୁଟବଲ୍ କ୍ଲବ ଏବଂ ଗ୍ରୁପ୍-ଡି'ର ଚାମ୍ପିୟନ୍ ପତିତପାବନ ସଂଘ ମଧ୍ୟରେ ଖେଳାଯିବ। ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଗ୍ରୁପ୍-ବି'ର ଚାମ୍ପିୟନ୍ ନଟରାଜ ଫୁଟବଲ୍ କ୍ଲବ ଏବଂ ଗ୍ରୁପ୍-ସି'ର ଚାମ୍ପିୟନ୍ ଛତ୍ରପୁର ଟାଉନ୍ କ୍ଲବ ମଧ୍ୟରେ ଖେଳାଯିବ। ବୁଧବାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ଲିଗ୍ ମ୍ୟାଚ୍‌ର ଶେଷ ଦିବସ ଥିଲା। ମୋଟ ୩ ଟି ମ୍ୟାଚ୍ ଖେଳାଯିବାକୁ ସ୍ଥିର ହୋଇଥିଲା। କିନ୍ତୁ ପ୍ରତିପକ୍ଷ ଦଳ ନ ଆସିବାର ବିପକ୍ଷ ୩ଟି ଦଳକୁ ୱାକ୍‌ଓଭର୍ ଦିଆଯାଇଥିଲା। ପ୍ରଥମ ମ୍ୟାଚ୍ ଗ୍ରୁପ୍-ଏ'ର ଦୁଇ ଦଳ ବାରାକ୍ସ ଫୁଟବଲ୍ କ୍ଲବ ଏବଂ କାଶିରାମ ଫୁଟବଲ୍ କ୍ଲବ ମଧ୍ୟରେ ଖେଳାଯିବାକୁ ଥିଲା। ହେଲେ ବାରାକ୍ସ ଦଳ ନ ଆସିବାରୁ କାଶିରାମକୁ ୱାକ୍‌ଓଭର୍ ମିଳିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଗ୍ରୁପ୍-ବି'ର ବ୍ରହ୍ମପୁର ପୋଲିସ ଏବଂ ନଟରାଜ ଫୁଟବଲ୍ କ୍ଲବ ମଧ୍ୟରେ ଖେଳାଯିବାକୁ ଥିଲା। ତେବେ ଏହି ମ୍ୟାଚ୍‌ରେ ଉତ୍ତେଜନା ଦେଖାଦେଇଥିଲା। ଟୁର୍ଣ୍ଣାମେଣ୍ଟରେ ଭାଗନେବା ପାଇଁ ବ୍ରହ୍ମପୁର ପୋଲିସ ୧୬ଜଣ ଖେଳାଳିଙ୍କ ତାଲିକା ଦେଇଥିଲା। ତେବେ ରବିବାର ମ୍ୟାଚ୍ ପାଇଁ ଯେଉଁ ଖେଳାଳିଙ୍କ ତାଲିକା ଦିଆଯାଇଥିଲା, ସେମାନଙ୍କ ମଧ୍ୟରେ ଅନେକଙ୍କ ନାମ ପୂର୍ବରୁ ଦିଆଯାଇ ନ ଥିଲା। ସେମାନେ ବାହାର ଜିଲାର ଖେଳାଳି ହୋଇଥିବା ନଟରାଜର ଖେଳାଳିମାନେ ଅଭିଯୋଗ ଆଣିଥିଲେ। ଆୟୋଜକମାନେ ଖେଳାଳିଙ୍କ ପରିଚୟ ପତ୍ର ପ୍ରଦାନ କରିବାକୁ ପୋଲିସ ଦଳକୁ କହିଥିଲେ। ହେଲେ ପୋଲିସ ଦଳ କେତେକ ଖେଳାଳିଙ୍କ ପରିଚୟ ଦେଇପାରି ନଥିଲେ। ଏହାକୁ ନେଇ ଦୁଇ ଦଳର ଖେଳାଳି ଏବଂ ଆୟୋଜକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖାଯାଇଥିଲା।

# ଜୁଆ ଆଡ୍ଡାରୁ ୬ ଗିରଫ

ବ୍ରହ୍ମପୁର ଅଫିସ,୧୪।୧୦

ବ୍ରହ୍ମପୁର ଅଶୋକ ନଗର ଚତୁର୍ଥ ଲେନରେ ଶନିବାର ରାତିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ବୈଦ୍ୟନାଥପୁର ଥାନା ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ତାସ୍ ମୁଠା, ୧୦,୯୪୦ ଟଙ୍କା ଜବତ କରାଯାଇଛି। ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବିଶେଷସୂତ୍ରରୁ ଖବରପାଇ ଅଶୋକ ନଗର ଚତୁର୍ଥ ଲେନରେ ଚଢ଼ାଉ କରି ଜୁଆଡିଙ୍କୁ କାବୁ କରିଥିଲା। ଏ ନେଇ ନଂ.୨୧୧/୧୮ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି।

# ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନ କାର୍ଯ୍ୟକ୍ରମ

ଦିଗପହଣ୍ଡି,୧୪।୧୦ (ଡି.ଏନ.ଏ.)

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ଦକ୍ଷିଣ ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ କୈଳାସ ବେହେରା, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟା ମନ୍ଦିର ପକ୍ଷରୁ ଆୟୋଜିତ ପୁରାତନ ଛାତ୍ରୀଛାତ୍ର ଏକତ୍ରୀକରଣ ଉତ୍ସବରେ ସାମିଲ ହୋଇ ଅନୁଷ୍ଠାନର ସର୍ବବିଧ ବିକାଶ ନିମନ୍ତେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ବନ୍ୟା ଅଞ୍ଚଳରେ ଶିକ୍ଷା ଚିନ୍ତା

# ବିପନ୍ନଙ୍କୁ ପାଠ୍ୟ ଉପକରଣ ପ୍ରଦାନ


ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ,୧୪।୧୦

ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ଦ୍ୱାରା ଗଠିତ ଗୁରୁ-ଛାତ୍ର କଲ୍ୟାଣ ପାଣ୍ଠି ଅନୁଦାନରେ ଆସିକା ଓ ଧରାକୋଟ ବ୍ଲକରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। ବନ୍ୟାରେ ପ୍ରଭାବିତ ଆସିକାର ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଖାତା, କଲମ, ପେନ୍‌ସିଲ୍ ଓ ବିସ୍କୁଟ, ପାଉଁରୁଟି ଯୋଗାଇ ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ.ପଣ୍ଡାଙ୍କ ନେତୃତ୍ୱରେ ପ୍ରଧାନ ଶିକ୍ଷକ ବୃଷକେତୁ ଦାଶ, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଭାଗିରଥୀ ସ୍ୱାଇଁ, ସ୍କାଉଟ କମିଶନର୍ ରାମହରି ସାହୁ, ସ୍କାଉଟ୍ ମାଷ୍ଟର୍ ଲକ୍ଷ୍ମୀ ନାରାୟଣ ପଣ୍ଡା, ଆସିକା ହରିହର ହାଇସ୍କୁଲ ଓ ସରକାରୀ ବାଳିକା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଦିଆଯାଇଥିଲା। ସେହପରି ବାଳିକା ବିଦ୍ୟାଳୟରେ ଆଶ୍ରୟ ନେଇଥିବା ବିପନ୍ନଙ୍କୁ ରିଲିଫ୍ ପ୍ରଦାନ କରାଯାଇଛି। ହରିହର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୁଲି ମହାପାତ୍ର, ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ କୃତିବାସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ପ୍ରଭାତ କୁମାର ପାଢ଼ୀ, କ୍ରୀଡ଼ା ଶିକ୍ଷକ ବିଜୟ କୁମାର ଜେନା ସହଯୋଗ କରିଥିଲେ। ସେହିଭଳି ଧରାକୋଟ ବ୍ଲକର ଜାହାଡ଼ା ଗସ୍ତ କରି ପୁରୁଷୋତ୍ତମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିକୃଷ୍ଣ ପଣ୍ଡା, ପ୍ରଧାନ ଶିକ୍ଷକ ନବୀନ ପାଢ଼ୀ, ରାମଚନ୍ଦ୍ର ବିଷୋୟୀ, ହିମାଂଶୁ ପଟ୍ଟନାୟକ, ଭିକାରି ଗୌଡ଼, ବିଜୟ କୁମାର ବେହେରା ପ୍ରମୁଖ ବିପନ୍ନ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଦେଇଥିଲେ। ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ଏବିଇଓ ଗୌରୀଶଙ୍କର ବେହେରା, ସିଆର୍‌ସିସି ରାମହରି ସାହୁ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରହ୍ମପୁରରୁ ଗଜପତି ଜିଲାକୁ ଗଲା ରିଲିଫ


ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧକ୍ଷ ସୁବାସ ମହାରଣା ରିଲିଫ ପ୍ୟାକିଂ କାର୍ଯ୍ୟରେ ସହଯୋଗ କରୁଛନ୍ତି।

ବ୍ରହ୍ମପୁର ଅଫିସ, ୧୪।୧୦

ବାତ୍ୟାରେ ବିଶେଷଭାବେ ପ୍ରଭାବିତ ହୋଇଥିବା ଗଜପତି ଜିଲାକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ସହଯୋଗରେ ରବିବାର ରିଲିଫ ସାମଗ୍ରୀ ପଠାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳକୁ ୧୦,୦୯୦ ପ୍ୟାକେଟ ରିଲିଫ ସାମଗ୍ରୀ ପଠାଯାଇଛି। ପ୍ରତି ପ୍ୟାକେଟରେ ୮୦୦ଗ୍ରାମ ଚୁଡା, ୧୦୦ଗ୍ରାମ ଗୁଡ, ପାଣି ବୋତଲ, ବିସ୍କୁଟ, କ୍ୟାଣ୍ଡେଲ, ଦିଆସିଲି ରଖାଯାଇଥବା ବିଏମସି କମିଶନର ସୂଚନା ଦେଇଛନ୍ତି। ପୂର୍ବାହ୍ନରେ ୪,୦୦୦ ପ୍ୟାକେଟ ରିଲିଫ ଟ୍ରକ ଯୋଗେ ଗଜପତି ଜିଲାକୁ ପଠାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ବିଏମସି ଅନ୍ତର୍ଗତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ବିଏମସି କାର୍ଯ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ଚାଲିଥିବା ପ୍ୟାକିଂ କାର୍ଯ୍ୟକୁ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧକ୍ଷ ସୁବାସ ମହାରଣା ଅନୁଧ୍ୟାନ କରିଛନ୍ତି। କମିଶନର ଚକ୍ରୱର୍ତ୍ତୀ ସିଂ ରାଠୋରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ପ୍ୟାକିଂ କାର୍ଯ୍ୟର ପ୍ରସ୍ତୁତି ନେଇ ବିଧାୟକ, କମିଶନର ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଗଞ୍ଜାମ ଜିଲାରେ ଦୂର ହେବ ଅଭାବ

# ନିଯୁକ୍ତି ପାଇଲେ ୪୧ ଜୁନିୟର ଡାକ୍ତର

ବ୍ରହ୍ମପୁର ଅଫିସ,୧୪।୧୦

ଗଞ୍ଜାମ ଜିଲାରେ ଡାକ୍ତର ଅଭାବ ସମସ୍ୟା ଦୂର ହେବାକୁ ଯାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜିଲାରେ ୪୧ ଆସିଷ୍ଟାଣ୍ଟ ସର୍ଜନ୍(ଜୁନିୟର୍ ଡାକ୍ତର)ଙ୍କୁ ନିଯୁକ୍ତି ଦିଆଯାଇଛି। ଓଡ଼ିଶା ମେଡ଼ିକାଲ୍ ଆଣ୍ଡ ହେଲ୍‌ଥ ସର୍ଭିସେସ୍ କ୍ୟାଡର୍‌ରେ ନିଯୁକ୍ତି ପାଇଥିବା ଏହି ଜୁନିୟର୍ ଡାକ୍ତରମାନେ ନଭେମ୍ବର ୧୦ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ମୋଟ ୪୭୮ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିବା ବେଳେ ସେଥିରେ ଗଞ୍ଜାମ ଜିଲାର ୪୧ ଜଣ ରହିଛନ୍ତି।

ପ୍ରକାଶିତ ତାଲିକାରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଡା. ଦିନେଶ ରଞ୍ଜନ ପଣ୍ଡା, ଡା. ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଡା. ଶ୍ରଦ୍ଧା ସୁମନ ସାହୁ, ଡା. ଟି.ସଚ୍ଚିଦାନନ୍ଦ ସୁବୁଦ୍ଧି, ଡା. ଅଂଶୁମାନ ମିଶ୍ର, ଡା. ଶୁଭଶ୍ରୀ ପାଳ, ଡା. ମନିଶା ପାତ୍ର, ଡା. ସ୍ୱାତିସୁଦ୍ଧା ସାହୁ, ଡା. ସଚ୍ଚିଦାନନ୍ଦ ଦାସ, ଡା. ଅନୁରାଗ ପାଢ଼ୀ, ଡା. ସ୍ୱାଗତ ରଞ୍ଜନ ସାହୁ, ଡା. ରୁଚିକା ସିଂ, ଡା. ଅମ୍ରିତ୍ ପ୍ରିତମ ପଣ୍ଡା, ଡା. ତେଜସ୍ୱୀ ମିଶ୍ର, ଡା. ବେଦପ୍ରକାଶ ଦାସ, ଡା. ଦୁର୍ଗାପ୍ରସାଦ ପଣ୍ଡା, ଡା. ଶୁଭଶ୍ରୀ ନାୟକ, ଡା. ଅଭିଳାଶ ପଟ୍ଟନାୟକ, ଡା. ଅମିତ କୁମାର ତ୍ରିପାଠୀ, ଡା. ଲିପ୍‌ସା ପ୍ରିୟଦର୍ଶନୀ, ଡା. ଭାବଗ୍ରାହୀ ସେଠୀଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲ୍‌ରେ ନିଯୁକ୍ତି ଦିଆଯାଇଛି। ଡା. କାମାକ୍ଷା ସାମନ୍ତରାୟଙ୍କୁ ବ୍ରହ୍ମପୁର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ୍ ଅଫିସର ଭାବେ ଅବସ୍ଥାପିତ କରାଯାଇଛି। ଡା. ନିରଞ୍ଜନ ପାଢ଼ୀଙ୍କୁ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ବିନାୟକ ପଣ୍ଡାଙ୍କୁ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ଶିବ ଶଙ୍କର ନାୟକଙ୍କୁ ପିତ୍ତଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଡା. ରଚିତା ମହାନ୍ତି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ବେଦ୍ୟ ମହାରଣାଙ୍କୁ ଗଞ୍ଜାମ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ୍ ଅଫିସର, ଡା. ମଙ୍ଗଳ ମୋହନ ମହାପାତ୍ରଙ୍କୁ ଗାଲେରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ସୌରଭ ଦାସଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ଅମଳେନ୍ଦୁ ଦାସଙ୍କୁ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ସୂର୍ଯ୍ୟକୁମାର ବିଶ୍ୱାଳଙ୍କୁ ବେଲଗୁଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ପୁନମ ଦୋରାଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ଆଦ୍ୟାଶା ମହାପାତ୍ରଙ୍କୁ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ନିକି କାନୁନ୍‌ଗୋଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ହୃଷୀକେଶ ମହନ୍ତଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ଗୌରୀଶଙ୍କର ସାବତଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ଅଂଶୁମାନ ସାହୁଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା.ମିତାଲି ବେହେରାଙ୍କୁ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ଦୀପକ କୁମାର ଦାସଙ୍କୁ ବଡ଼ଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଡା. ଆଶିଷ ମିଶ୍ରଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଡା. ବର୍ଷା ରାଣୀ ବେହେରାଙ୍କୁ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବସ୍ଥାପିତ କରାଯାଇଛି।

ସୂଚନା ଯୋଗ୍ୟ ଯେ, ଏହା ପୂର୍ବରୁ ୬ତାରିଖରେ ଜିଲାବ୍ୟାପୀ ଡାକ୍ତରଙ୍କ ବଦଳି ତାଲିକା ପ୍ରକାଶ ପାଇଥିଲା। ଜିଲାର ମୋଟ ୨୫ଜଣ ବରିଷ୍ଠ ଡାକ୍ତରଙ୍କୁ ବଦଳି କରାଯାଇଥିଲା। ସେଥିରୁ ୧୧ଜଣ ବରିଷ୍ଠ ଡାକ୍ତରଙ୍କୁ ଜିଲା ବାହାରକୁ ପଠାଯାଇଥିଲା। ଜିଲାରେ ଡାକ୍ତର ଅଭାବ ରହିଥିବା ବେଳେ ଏହି ବଦଳି ପରଠୁ ସମସ୍ୟା ଆହୁରି ବଢ଼ିଯାଇଥିଲା। ଏବେ ୪୧ ଜୁନିୟର୍ ଡାକ୍ତରଙ୍କ ନିଯୁକ୍ତି ପରେ ସମସ୍ୟାରେ ସାମାନ୍ୟ ସୁଧାର ଆସିବ ବୋଲି ଆଶା କରାଯାଉଛି। ଜୁନିୟର୍ ଡାକ୍ତରମାନେ ଯେଉଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଛନ୍ତି, ଯଦି ସେଠାରେ କୌଣସି ପଦବୀ ଖାଲି ନାହିଁ, ତେବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଏ ନେଇ ବିଭାଗକୁ ଅବଗତ କରିବେ। ସେମାନଙ୍କୁ ଅନ୍ୟତ୍ର ଅବସ୍ଥାପିତ କରାଯିବ। ନିଯୁକ୍ତି ପାଇଥିବା ଡାକ୍ତରଙ୍କ ମଧ୍ୟରେ ଯଦି କେହି ବର୍ତ୍ତମାନ ଅଧ୍ୟୟନରତ ଅଛନ୍ତି, ତେବେ ସେମାନେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବେ। ସଂପୃକ୍ତ ଡାକ୍ତରଙ୍କୁ ତଦନୁଯାୟୀ ଛୁଟି ପ୍ରଦାନ କରାଯିବ। ଅଧ୍ୟୟନ ସରିବା ପରେ ସେମାନେ ପୁନଃ କାର୍ଯ୍ୟରେ ଯୋଗଦେବେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୧୫ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ତିତ୍‌ଲି ତାଣ୍ଡବରେ ବଦଳିଗଲା ଚନ୍ଦ୍ରଗିରିର ଦୃଶ୍ୟ



ଚନ୍ଦ୍ରଗିରି,୧୪।୧୦(ଡି.ଏନ୍.ଏ.): ତିତ୍‌ଲି ବହୁ କ୍ଷତି ଘଟାଇଥିବାବେଳେ ଚନ୍ଦ୍ରଗିରି ଅଞ୍ଚଳରେ ମଧ ତାହାର ବେଶ୍ ପ୍ରଭାବ ପଡ଼ିଛି। ଚନ୍ଦ୍ରଗିରିରେ ହୁଡ୍‌ହୁଡ୍, ଫାଇଲିନ୍‌ର ଯେତିକି ପ୍ରଭାବ ନ ଥିଲା ତା ଠାରୁ ଅଧିକ ତିତ୍‌ଲି ପ୍ରଭାବିତ କରିଛି। ପ୍ରବଳ ବର୍ଷା ଓ ପବନରେ ବହୁ ବଡ଼ ବଡ଼ ଗଛଗୁଡ଼ିକ ରାସ୍ତା ଉପରେ ଟଳିପଡ଼ିଥିଲା, ଯାହା ଫଳରେ ଭୁବନେଶ୍ୱରରୁ ପାରଳା ଖେମୁଣ୍ଡି ଯାଉଥିବା ଇସ୍ପାତ୍ ବୀଣାପାଣି ଏବଂ ଚକାଡୋଳା ବସ୍ ଯାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କୁ ସରକାରଙ୍କ ପକ୍ଷରୁ ଉକ୍ତ ପଞ୍ଚାୟତରେ ରନ୍ଧାଖାଦ୍ୟ ଦିଆଯାଇଥିଲା। ଓଡ୍ରାଫ୍ ଟିମ୍ ଦ୍ୱାରା ଗଛ ହଟାଯାଇଥିଲା। କେତେକ କଚ୍ଚାଘର ଭାଙ୍ଗିଯାଇଥିଲା। ମକାଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି।

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି



ଚିକିଟି,୧୪।୧୦(ଡି.ଏନ.ଏ.): ବାତ୍ୟା ତିତ୍‌ଲି ପ୍ରଭାବରେ ବୁଧବାର ଓ ଗୁରୁବାର ହୋଇଥିବା ବର୍ଷା ଓ ପବନରେ ଚିକିଟି ବ୍ଲକ୍ ଅନ୍ତର୍ଗତ ୧୭ ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଛି। ବିଭିନ୍ନ ଗ୍ରାମରେ ୭୦ ପ୍ରତିଶତ ଧାନ ଫସଲ ଜଳମଗ୍ନ ରହିବା ସହ ବାଲିମାଡି ଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବ୍ଲକରେ ୯୭୬୦ ହେକ୍ଟର ଚାଷ ଜମି ମଧ୍ୟରୁ ୭୬୪୫ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଏଣୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କ କୃଷି ଋଣ ଛାଡ କରିବା ସହିତ ଆବଶ୍ୟକ ସହାୟତା ଯୋଗାଇବାକୁ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟ ପ୍ରଧାନ କହିଛନ୍ତି।

### ପାତ୍ରପୁରରେ ରିଲିଫ ପହଞ୍ଚିଲା, ବିଦ୍ୟୁତ୍ ଆସିଲା

ପାତ୍ରପୁର,୧୪।୧୦(ଡି.ଏନ୍.ଏ.): ପାତ୍ରପୁରର ବନ୍ୟା ଓ ବାତ୍ୟା ପ୍ରଭାବିତ ଦୁର୍ଗମ ଅଞ୍ଚଳରେ ରବିବାର ରିଲିଫ ପହଞ୍ଚିଛି। ଦୁର୍ଗମ ଅଞ୍ଚଳର ଗାଁ ଗୁଡିକର ବହୁ ଘର ଭାଙ୍ଗି ଥିବାରୁ ଲୋକେ ବାସହରା ହୋଇଛନ୍ତି। ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷାଦେବୀ ଗତ ୨ ଦିନ ହେବ କିଛି ଅଞ୍ଚଳକୁ ଯାଇ ଲୋକଙ୍କ ସମସ୍ୟା ବୁଝିଛନ୍ତି। ବିଜେପି ଯୁବ ନେତା ମନୋରଞ୍ଜନ ମଧ ନିଜ ଟିମ୍ ସହ ଗାଁ ଗାଁ ବୁଲି ସହାୟତା ଜାରି ରଖିଛନ୍ତି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବାବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁରନ୍ତ ମରାମତି କରାଯାଇ ପାତ୍ରପୁର ଅଞ୍ଚଳକୁ ରବିବାର ବିଦ୍ୟୁତ୍ ସଂଯୋଗ ଦିଆଯାଇଛି।

# ନବରାତ୍ର: ତେଲୁଗୁ ସମ୍ପ୍ରଦାୟଙ୍କ ନିଆରା କଣ୍ଢେଇପୂଜା

ବ୍ରହ୍ମପୁର ଅଫିସ,୧୪।୧୦

ଆରମ୍ଭ ହୋଇଯାଇଛି ଶାରଦୀୟ ଦୁର୍ଗାପୂଜା। ଧରାପୃଷ୍ଠରେ ଅବତରଣ କରିଛନ୍ତି ମା ଦୁର୍ଗା। ସହରର ବିଭିନ୍ନ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିକଟରେ ଆରମ୍ଭ ହୋଇଛି ନବରାତ୍ର ପୂଜା। ଅନ୍ୟପକ୍ଷରେ ତେଲୁଗୁ ସମ୍ପ୍ରଦାୟଙ୍କ ଘରେ ଦେଖିବାକୁ ମିଳିଛି ଏକ ନିଆରା ପୂଜା। ନିଆରା ଢଙ୍ଗରେ ନବରାତ୍ର ପାଳୁଛନ୍ତି ତେଲୁଗୁ ପରିବାର। ଏହି ସମ୍ପ୍ରଦାୟର ଲୋକେ ଘରେ ମା' ଦୁର୍ଗାଙ୍କ ସହ ତାଙ୍କ ସେନାବାହିନୀ ତଥା କଣ୍ଢେଇଙ୍କୁ ପୂଜା କରିଛନ୍ତି। ମା' ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀଙ୍କ ମୂର୍ତ୍ତି ସହ ବିଭିନ୍ନ କଣ୍ଢେଇକୁ ରଖି ପୂଜା କରୁଥିବା ଦେଖିବାକୁ ମିଳିଛି। ଏହି କଣ୍ଢେଇ ପୂଜା ମହାଳୟା ଅମାବାସ୍ୟାରୁ ଆରମ୍ଭ ହୋଇ ବିଜୟା ଦଶମୀରେ ଶେଷ ହୋଇଥାଏ।

ବ୍ରଜନଗର ୩ୟ ଲାଇନ ଏନ. ଭେଙ୍କେଟ ରାଓ ଓ ପଦ୍ମାବତୀଙ୍କ କହିବାନୁଯାୟୀ, ଏ ପରମ୍ପରା ବହୁ ପୁରୁଣା କାଳରୁ ଚାଲି ଆସୁଛି। ମା'ଙ୍କର କଣ୍ଢେଇ ଅତିପ୍ରିୟ ହୋଇଥିବାରୁ ନବରାତ୍ର ସମୟରେ ଏହାକୁ ପୂଜା କରିବା ବିଧି ରହିଛି। ବିଶ୍ୱାସ ରହିଛି, ମହିଷାସୁର ବଧ ସମୟରେ ଏହି କଣ୍ଢେଇଗୁଡିକ ମା'ଙ୍କ ସେନା ଭୂମିକା ନିଭାଇଥିଲେ। ତେଣୁ ପରମ୍ପରା ଅନୁସାରେ ବିଭିନ୍ନ ପ୍ରକାର କଣ୍ଢେଇ ମା'ଙ୍କ ପ୍ରତିମା ପାର୍ଶ୍ୱରେ ରଖି ପୂଜା କରିଆସୁଛୁ ବୋଲି କହିଛନ୍ତି। ୫୦ ବର୍ଷ ହେଲା ଘରେ ନବରାତ୍ର ସମୟରେ କଣ୍ଢେଇ ପୂଜା ହେଉଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ ପୂଜାର ଏକ ମୁଖ୍ୟ ଆକର୍ଷଣ ହେଉଛି ୧୦୦ବର୍ଷ ପୁରୁଣା ରକ୍ତଚନ୍ଦନ କାଠରେ ତିଆରି କଣ୍ଢେଇ। ଏହାଛଡା ମାଟି, କାଚ, ପାର୍ସିଲିନ, ପିତ୍ତଳ, ହାତୀଦାନ୍ତ ଓ ପ୍ଲାଷ୍ଟିକରେ ପ୍ରସ୍ତୁତ ଅତ୍ୟାଧୁନିକ କଣ୍ଢେଇ ଏଠାରେ ପୂଜା ପାଉଥିବା ଦେଖିବାକୁ ମିଳିଥାଏ। କଣ୍ଢେଇ ପୂଜା ସମୟରେ ଆସୁଥିବା ଅତିଥିଙ୍କୁ ମଧ ବନ୍ଦାପନା କରାଯାଇ ପାନପତ୍ର, ଗୁଆ ସହ ବିଭିନ୍ନ ମିଷ୍ଟାନ୍ନ ଉପହାରରେ ଦିଆଯିବା ପରମ୍ପରା ରହିଛି। ନବରାତ୍ରପୂଜା ସରିବା ପର୍ଯ୍ୟନ୍ତ ତେଲୁଗୁ ସମ୍ପ୍ରଦାୟର ପ୍ରତିଟି ପରିବାରରେ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥାଏ। ପ୍ରତିଦିନ ରାତିରେ ରୀତିନୀତିରେ ପରିବାର ଲୋକେ ଏକାଠି ହୋଇ ବନ୍ଦାପନା କରିବା ସହ ସକାଳେ ମା'ଙ୍କ ନିକଟରେ ଫଳ ଭୋଗ ଏବଂ ସନ୍ଧ୍ୟାରେ ଆଳତୀ କରି ଖେଚୁଡି ଭୋଗ ଲାଗି କରିଥାନ୍ତି।



କଣ୍ଢେଇପୂଜାରେ ଉପସ୍ଥିତ ପରିବାରବର୍ଗ।

## ସମୁଦ୍ରରେ ଆନ୍ଧ୍ର ଟ୍ରଲର ବୁଡ଼ିବା ଘଟଣା

# ଆଉ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ଛତ୍ରପୁର,୧୪।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଗୋପାଳପୁର ପୋର୍ଟ ଦକ୍ଷିଣ ପାର୍ଶ୍ୱ ମତ୍ସ୍ୟ ଜେଟି (ସମୁଦ୍ର କୂଳ) ନିକଟରୁ ଶନିବାର ଆଉ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଆନ୍ଧ୍ରପ୍ରଦେଶ ବିଜୟନଗରମ୍ ଜିଲା ପୁଷପେଟ୍ରଗା ଥାନା ବାରିପେଟା ଗାଁର ବି. ସତ୍ୟା। ଶୁକ୍ରବାର ମଧ ଆଉ ଜଣେ ନିଖୋଜ ମତ୍ସ୍ୟଜୀବୀ ସୁରାଡୁ ରାମୁଙ୍କ ମୃତ ଦେହ ଏହି ଜେଟି ନିକଟରୁ ମିଳିଥିଲା। ଶନିବାର ଆଉ ଏକ ମୃତଦେହ ସେଠାରେ ଲାଗିଥିବା ନେଇ ଖବର ପାଇବା ପରେ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ପୋଲିସ ଏହାକୁ ଉଦ୍ଧାର କରିଥିଲା। ଫଳରେ ମୃତ୍ୟୁ ସଂଖ୍ୟା ୨ ରେ ପହଞ୍ଚିଛି। ଅପରପକ୍ଷେ ଆଉ ଜଣେ ମତ୍ସ୍ୟଜୀବୀ ଏବେ ମଧ ନିଖୋଜ ଅଛନ୍ତି। ମିଳିଥିବା ସୂଚନା ଅନୁସାରେ ବିଜୟନଗରମ୍ ଜିଲାରୁ ୮ ମତ୍ସ୍ୟଜୀବୀ ଟ୍ରଲର ନେଇ ମାଛ ଧରିବାକୁ ସମୁଦ୍ର ମଧ୍ୟକୁ ୨୦ ଦିନ ପୂର୍ବେ ବାହାରିଥିଲେ। ଗୋଳନ୍ଥରା ଥାନା ରାମେୟାପାଟଣାରେ ରହି ସମୁଦ୍ରକୁ ଏମାନେ ମାଛ ଧରିବାକୁ ଯାଉଥିଲେ। ୧୦ ତାରିଖରେ ମାଛ ଧରିବାକୁ ୮ ଜଣ ଟ୍ରଲରରେ ସମୁଦ୍ରକୁ ଯାଇଥିଲେ। ମାତ୍ର ତିତଲି ପ୍ରଭାବରେ ସମୁଦ୍ରରେ ଏମାନଙ୍କ ଟ୍ରଲର ବୁଡି ଯାଇଥିଲା। ପରେ ୫ ଜଣ ମତ୍ସ୍ୟଜୀବୀ ପହଁରି କୂଳକୁ ଆସିବାରେ ସକ୍ଷମ ହୋଇଥିଲେ। ୩ ମତ୍ସ୍ୟଜୀବୀ ୧୦ ତାରିଖରୁ ନିଖୋଜ ଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ମିଳିଛି। ଉକ୍ତ ୩ ଜଣ ନିଖୋଜ ଥିବା ନେଇ ପହଁରି ଆସିଥିବା ମତ୍ସ୍ୟଜୀବୀଙ୍କ ପକ୍ଷରୁ ଗୋଳନ୍ଥରା ଥାନାରେ ଏତଲା ଦିଆଯାଇଥିଲା। ମେରାଇନ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (୩/୧୮) ରୁଜୁକରାଯାଇଥିବା ଆଇଆଇସି ବୈଦେହୀ ବେହେରା ସୂଚନା ଦେଇଛନ୍ତି।

# କଂଗ୍ରେସ ପ୍ରତିନିଧି ଦଳର ବନ୍ୟାଞ୍ଚଳ ପରିଦର୍ଶନ



ଜଳସେଚନ ବିଭାଗ କର୍ମଚାରୀ ଓ ଲୋକଙ୍କ ସହ କଂଗ୍ରେସ ପ୍ରତିନିଧି ଦଳର ଆଲୋଚନା।

- ରଷିକୁଲ୍ୟାରେ ବିପଦ ସଙ୍କେତରେ ଜଳ ପ୍ରବାହିତ
- ସୁଧୁରୁଛି ବନ୍ୟା ପରିସ୍ଥିତି

ପୁରୁଷୋତ୍ତମପୁର, ୧୪।୧୦(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଅଞ୍ଚଳରେ ତିତ୍‌ଲିର ପ୍ରଭାବରେ ଋଷିକୁଲ୍ୟା ନଦୀରେ ଦେଖାଦେଇଥିବା ବନ୍ୟା ପରିସ୍ଥିତି ଧୀରେ ଧୀରେ କମିବାରେ ଲାଗିଛି। ନଦୀର ଜଳସ୍ତର କମିଥିଲେ ମଧ ଶନିବାର ବିପଦସଙ୍କେତ ୧୬.୮୩୫ରେ ପାଣି ପ୍ରବାହିତ ହେବାରେ ଲାଗିଛି। ଏହି ପାଣିର ସ୍ତର ଖସିବାର ଅନୁମାନ କରାଯାଉଥିବା ପାଣିପାଗ ବିଭାଗୀୟ କର୍ମଚାରୀ କହିଛନ୍ତି। ପୁରୁଷୋତ୍ତମପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ଅଲାଡି ଗ୍ରାମରେ ଶୁଖିଲା ଖାଦ୍ୟ ସହ ପାନୀୟ ଜଳ ବଣ୍ଟନ କରାଯାଉଥିବା ବେଳେ ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ବିଡିଓ ଅନ୍ୱେଷା ରେଡ୍ଡୀ, ତହସିଲଦାର ଅରୁଣ କୁମାର ନାୟକ କର୍ମଚାରୀଙ୍କୁ ନେଇ ଉପସଭାପତି ଗୌରୀଶଙ୍କର ରାଉଳଙ୍କ ଅଧକ୍ଷତାରେ ରନ୍ଧାଖାଦ୍ୟ ବଣ୍ଟନ ଚାଲିଛି। ଜିଲା ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ହେଲିକପ୍ଟର ଯୋଗେ ରିଲିଫ୍ ଆକାଶ ମାର୍ଗରୁ ପକାଯାଇଥିଲା। କଂଗ୍ରେସ ପକ୍ଷରୁ ପିସିସି ସଭ୍ୟ ସୀତାରାମ ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ଲକ କୃଷକ ସେଲର ସଭାପତି ଗୋବର୍ଦ୍ଧନ ବିଷୋଇ ଓ ଅନ୍ୟ କର୍ମକର୍ତ୍ତାମାନେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ଚାଷ ଜମିରୁ ଯେପରି ଶୀଘ୍ର ପାଣି ନିଷ୍କାସନ ହେବ ସେଥିନେଇ ଜଳ ସେଚନ ବିଭାଗୀୟ ଯନ୍ତ୍ରୀ ଆଲୋଚନା କରି କ୍ଷତିର ସମୀକ୍ଷା କରିଥିଲେ।

# ବନ୍ୟା ବିପ୍ଲାତ: କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିଲେ ବିଧାୟକ

ଗଞ୍ଜାମ,୧୪।୧୦(ଡି.ଏନ.ଏ.)

ବନ୍ୟା ପ୍ରଭାବରେ ଗଞ୍ଜାମ ବ୍ଲକ ଅଞ୍ଚଳ ବିଶେଷ କ୍ଷତି ହୋଇ ନ ଥିଲେ ମଧ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶନିବାର ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ରାଜପୁର, ମଲାଡ଼, ସନ୍ତୋଷପୁର ଓ କରପଡ଼ା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଚାଷ ଜମି ବୁଲି ଦେଖିଥିଲେ। ଅଧିକାଂଶ ଚାଷଜମି ଜଳମଗ୍ନ ଥିବା ଯୋଗୁ ଚଳିତବର୍ଷ ଧାନ ଫସଲରେ ଚାଷୀମାନେ କ୍ଷତି ସହିବେ ବୋଲି ବିଧାୟକଙ୍କୁ କହିଥିଲେ। ଏନେଇ ବିଧାୟକ କ୍ଷୟକ୍ଷତି ଆକଳନ ରିପୋର୍ଟ ପ୍ରଦାନ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ବ୍ଲକ ବିଜେଡି ସମ୍ପାଦକ ଉମା ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଧାୟକଙ୍କ ଏହି ଗସ୍ତ ବେଳେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗ୍ୟ ରେଡ୍ଡୀ, ମଲାଡ଼ ସରପଞ୍ଚ ପ୍ରଭାତ ସେଠୀ, ରାଜପୁର ସରପଞ୍ଚ ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କ୍ଷତିଗ୍ରସ୍ତ ଚାଷଜମି ଦେଖୁଛନ୍ତି ବିଧାୟକ।

### ବନ୍ୟା, ବାତ୍ୟାରେ ୩ ମେଣ୍ଢା ମୃତ

ଛତ୍ରପୁର,୧୪।୧୦(ଡି.ଏନ.ଏ.)

ଛତ୍ରପୁର ବ୍ଲକ ପୋଡାପଦର ଗାଁରେ ଗତ ୨ ଦିନ ମଧରେ ୩ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଛି। ବାତ୍ୟା ଓ ବନ୍ୟାରେ ଉକ୍ତ ମେଣ୍ଢା ଅସୁସ୍ଥ ଥିଲେ ବୋଲି କୁହାଯାଇଛି। ଗାଁରେ ଥିବା ପଶୁ ସହାୟକ କେନ୍ଦ୍ର କିଛି ଦିନ ହେଲା ବନ୍ଦ ରହିଛି। ଫଳରେ ଏମାନଙ୍କ ଚିକିତ୍ସା କରାଯାଇ ପାରିନଥିଲା। ଫଳରେ ସେମାନଙ୍କ ମୃତ୍ୟୁ ହୋଇଥିବା ମାଲିକ ବି ସୋମନାଥଙ୍କ ପକ୍ଷରୁ ଅତିରିକ୍ତ ପ୍ରାଣୀ ଚିକିତ୍ସକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗାଁରେ ଥିବା ଆଉ କେତେକ ମେଣ୍ଢା ଅସୁସ୍ଥ ଥିବା ଜଣାପଡିଛି। ଖବର ପାଇ ଛତ୍ରପୁର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ପତିତପାବନ ରଥ ଗାଁରେ ପହଞ୍ଚି ଅନୁଧ୍ୟାନ କରିଥିଲେ। କ୍ଷତିପୂରଣ ମିଳିବା ନେଇ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ପଶୁ ଡାକ୍ତରଖାନା ରେ ନିୟୋଜିତ ଅଧିକାରୀ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ଅବହେଳା ପାଇଁ ତାଙ୍କୁ ପୂର୍ବରୁ ନୋଟିସ ଜାରି ହୋଇଛି।

### ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

ଦିଗପହଣ୍ଡି, ୧୪।୧୦(ଡି.ଏନ.ଏ.)

ଦିଗପହଣ୍ଡି–ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟରାସ୍ତାର ନିମପଲ୍ଲୀ ଗ୍ରାମ ନିକଟରୁ ରବିବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ଧଳା ହାପସାର୍ଟ ଓ କଳାରଙ୍ଗର ଲୁଙ୍ଗି ପିନ୍ଧିଥିବା ମୃତବ୍ୟକ୍ତିଙ୍କ ବୟସ ପ୍ରାୟ ୫୦ ହେବ ବୋଲି ଦିଗପହଣ୍ଡି ଥାନା ଆଇଆଇସି ଦେବାଶିଷ ମହାନ୍ତି କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ରିପୋର୍ଟ ଆସିଲେ ଜଣାପଡିବ ବ୍ୟକ୍ତିଙ୍କ ମୃତ୍ୟୁ କିଭଳି ହୋଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୯/୧୮) ରୁଜୁ କରାଯାଇଛି।

### ବାତ୍ୟା, ବନ୍ୟାରେ ମୃତ୍ୟୁ ସଂଖ୍ୟା ୪ ଛୁଇଁଲା

ପାତ୍ରପୁର,୧୪।୧୦(ଡି.ଏନ୍.ଏ.)

ତିତ୍‌ଲି ଓ ପରବର୍ତ୍ତୀ ବନ୍ୟାରେ ପାତ୍ରପୁର ବ୍ଲକର ବହୁ କ୍ଷୟକ୍ଷତି ହୋଇଛି। ଦୁର୍ଗମ ପାହାଡ଼ ଇଲାକାରେ ଥିବା ଅନୁସୂଚିତ ଜନଜାତିଙ୍କ ଜୀବନ ହାନି ଘଟିଥିବା ନେଇ ଗୋଟିଏ ପରେ ଗୋଟିଏ ଖବର ପାହାଡ଼ ତଳକୁ ଆସୁଛି। ଦୁର୍ଗମ ବୁରାତାଲ ପଞ୍ଚାୟତର ମହାଲିମ୍ବ ଗ୍ରାମର ହାଡ଼ିଆଣି ନାୟକ ଓ କୁରୁଗୁଡ଼ ଗ୍ରାମର ଜଗନ୍ନାଥ ପ୍ରଧାନ ମୃତ୍ୟୁବରଣ କରିଥିବା ବେଳେ ପୁଣି ଆଙ୍କୁଲି ପଞ୍ଚାୟତର ୨ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେମାନେ ହେଲେ ଲାଇଡ଼ା ଗ୍ରାମର ସାରଙ୍ଗ କାର୍ଜି ଏବଂ ଅନ୍ୟଜଣଙ୍କ ପରିଚୟ ମିଳିପାରି ନାହିଁ। ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି। ମାତ୍ର ୧୫ରୁ ଉର୍ଦ୍ଧ୍ୱ ନିଖୋଜ ଥିବା ନେଇ ମଧ ଆଲୋଚନା ହେଉଛି। ପାତ୍ରପୁର ବ୍ଲକ ପ୍ରଶାସନ ତତ୍ପରତା ନ ଥିବା ବେଳେ ଉକ୍ତ ପଞ୍ଚାୟତର ବିଭିନ୍ନ ଗାଁ ଗୁଡିକ ପାହାଡ଼ ଉପରେ ଥିବାରୁ ପ୍ରଶାସନ ପକ୍ଷରୁ ଖବର ପହଞ୍ଚାଇ ପାରି ନ ଥିବା ଓ ସ୍ଥାନାନ୍ତର କରାଯାଇ ନଥିବାରୁ ଏପରି ଘଟିଥିବା ଆଦିବାସୀମାନେ କହିଛନ୍ତି।

# ରାସ୍ତା ମରାମତି କଲେ ବରଙ୍ଗବାସୀ

ଛତ୍ରପୁର,୧୪।୧୦(ଡି.ଏନ.ଏ)

ବନ୍ୟାରେ ଛତ୍ରପୁର ବ୍ଲକର ୫ ପଞ୍ଚାୟତର ଲୋକେ ପାଣି ଘେରରେ ରହିଥିଲେ। ପାଣି କମିଥିଲେ ମଧ କେତେକ ଗ୍ରାମକୁ ଏବେ ବି ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଲୋକେ ପାଣି ଘେରରେ ଅଛନ୍ତି। ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତ ଅଧୀନ ବରଙ୍ଗ ଗାଁର ରାସ୍ତା ବନ୍ୟା ପାଣିରେ ଧୋଇଯାଇଥିଲା। ଲୋକେ ୩ ଦିନ ଦିନ ହେଲା ଗାଁରୁ ବାହାରି ପାରୁନଥିଲେ। ବଡମାଧପୁର ଓ ଛତ୍ରପୁରକୁ ସମ୍ପୂର୍ଣ୍ଣ ରୂପେ ଯୋଗାଯୋଗ ବିଚ୍ଛିନ୍ନ ରହିଥିଲା। ପ୍ରଶାସନ ଏନେଇ କୌଣସି ଅସ୍ଥାୟୀ ବ୍ୟବସ୍ଥା ମଧ କରି ନ ଥିଲା। ଏପରିକି ୪ ଦିନ ହେଲା କୌଣସି ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଗାଁକୁ ଆସି ନାହାନ୍ତି ବୋଲି ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। କୌଣସି ଉପାୟ ନପାଇ ପାଣି କମିବା ପରେ ରବିବାର ଗାଁର ଲୋକେ ଚାନ୍ଦା କରିବା ସହ ଶ୍ରମଦାନ କରି ରାସ୍ତାର ଅସ୍ଥାୟୀ ମରାମତି କରିଛନ୍ତି। ଫଳରେ ଯାତାୟତ ସ୍ୱାଭାବିକ ହୋଇଥିଲା। କିଛି ଲୋକଙ୍କ ପାଇଁ ହିଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଗାଁରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ପାଇପ ମଧ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। ଲୋକେ ନିଜ ଉଦ୍ୟମରେ ପାଇପ କାର୍ଯ୍ୟ ମଧ କରିଛନ୍ତି। ବନ୍ୟା ଯୋଗୁଁ ନଳକୂଳ ଗୁଡିକ ପାଣିରେ ବୁଡି ରହିଥିଲା। ଏବେ ପାଣି ଛାଡିବାରୁ ଲୋକେ ନଳକୂପର ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏବେ ସୁଦ୍ଧା ଗାଁରେ ପ୍ରଶାସନ ପକ୍ଷରୁ ପାଣିର ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଡାଲି, ଚାଉଳ ଓ ଗ୍ୟାସ୍ ଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ମାତ୍ର ଏ ପର୍ଯ୍ୟାପ୍ତ ତାହା ମିଳି ନଥିବା ଲୋକେ କହିଛନ୍ତି। ତୁରନ୍ତ ରିଲିଫ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।



ଗାଁ ଲୋକେ ରାସ୍ତା ମରାମତି କରୁଛନ୍ତି।

# ରିଲିଫ୍ ସହାୟତା ରାଶି ପ୍ରଦାନ ସମ୍ପର୍କିତ ବୈଠକ

ଭଞ୍ଜନଗର,୧୪।୧୦(ଡି.ଏନ.ଏ)

ବାତ୍ୟା ତିତ୍‌ଲି ପରେ ଭଞ୍ଜନଗର ଉପଖଣ୍ଡରେ ଉପୁଜିଥିବା ସମସ୍ୟା ଏବଂ ଦିଆଯିବାକୁ ଥିବା ରିଲିଫ୍ ସହାୟତା ପ୍ରଦାନ ସମ୍ପର୍କିତ ସମୀକ୍ଷା ବୈଠକ ରବିବାର ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ତାଙ୍କ ଆକାଉଣ୍ଟରେ ଟଙ୍କା ପ୍ରଦାନ କରାଗଲେ ବିଳମ୍ବ ହେବ। ତେଣୁ ଏହାର ବିକଳ୍ପ ବ୍ୟବସ୍ଥା କରି ଲୋକଙ୍କୁ କିଭଳି ତୁରନ୍ତ ସହାୟତା ରାଶି ମିଳିପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ବାତ୍ୟା ଓ ବନ୍ୟାରେ ଯାହାର ଘର, ଫସଲ କିମ୍ବା ଅନ୍ୟ କିଛି କ୍ଷତି ହୋଇଛି ସମସ୍ତଙ୍କୁ ସହାୟତା ଦିଆଯିବ। କେହି ଜଣେ ବି ପ୍ରକୃତ କ୍ଷତିଗ୍ରସ୍ତ ଯେଭଳି ସରକାରୀ ସହାୟତାରୁ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ବୈଠକରେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। କ୍ଷତିଗ୍ରସ୍ତ ପରିବାର ଚିହ୍ନଟ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହେବ। ଏଥିରେ ଶିକ୍ଷକ, ରାଜସ୍ୱ ନିରୀକ୍ଷକ, ଅଙ୍ଗନୱାଡ଼ି କର୍ମୀ, ଗ୍ରାମ ରୋଜଗାର ସେବକ ସାମିଲ ହେବେ। ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଲୋକେ, ପକ୍କା ଘର, ଭଡ଼ା, ଚାଉଳ ପାଉଥିବା ବନ୍ୟାଞ୍ଚଳର ଲୋକଙ୍କୁ କ୍ଷତିପୂରଣ ନିଶ୍ଚିତ ମିଳିବ। ଯେଉଁ ପଞ୍ଚାୟତର ସରକାରୀ ଚାଉଳ ବନ୍ୟାରେ ନଷ୍ଟ ହୋଇଛି ଉକ୍ତ ପଞ୍ଚାୟତକୁ ତୁରନ୍ତ ଚାଉଳ ଯୋଗାଇ ଦିଆଯିବ। ୧୨ବର୍ଷରୁ କମ୍ ବୟସର ପିଲାଙ୍କୁ ଦୈନିକ ୪୫ ଟଙ୍କା ଏବଂ ବୟସ୍କ ଲୋକଙ୍କୁ ୬୦ ଟଙ୍କାର ରିଲିଫ୍ ଖାଦ୍ୟ ଯୋଗାଇ ଦିଆଯିବ। ଏହା ୧୫ଦିନ ପର୍ଯ୍ୟନ୍ତ ରିଲିଫ୍ କ୍ୟାମ୍ପରେ ଚାଲିବ। କ୍ଷତି ନେଇ ମୋବାଇଲରେ ଉଠାଯାଇଥିବା ଫଟୋ ଯାଞ୍ଚ ଟିମ୍‌କୁ ଦେଖାଇଲେ ତାହାକୁ ମଧ ପ୍ରମାଣ ବୋଲି ଗ୍ରହଣ କରାଯିବ ବୋଲି ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ବୈଠକରେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ସମେତ ଉପଖଣ୍ଡର ବିଭିନ୍ନ ବ୍ଲକର ବିଡ଼ିଓ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମୀକ୍ଷା କରୁଛନ୍ତି।



## ସଂକ୍ଷେପରେ

### ଗଞ୍ଜେଇ ସହ ଗାଡ଼ି ଜବତ, ୨ ଗିରଫ



**ଫିରିଙ୍ଗିଆ, ୧୪।୧୦:** ଫିରିଙ୍ଗିଆ ଥାନା ପୋଲିସ ରବିବାର ସକାଳେ ସ୍ଥାନୀୟ ନୂଆପଦର ଗଣ୍ଡାପଡା ଛକରେ ଚଢ଼ାଉ କରି ଏକ ଅଟୋରୁ ୧୨ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋଛାପଡା ଥାନା ଲୋହରା ସାହିର ଟୁନା ବିନ୍ଧାଣୀ ଓ ନୟାଗଡ ଜିଲା ଇଟାମାଟିର କୃଷ୍ଣ ଚନ୍ଦ୍ର ସ୍ୱାଇଁ। ଅଟୋରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ଗଣ୍ଡାପଡା ଛକରେ ଅଟୋକୁ ଅଟକାଇ ଯାଞ୍ଚ କଲା ବେଳେ ଗଞ୍ଜେଇ ମିଳିଥିଲା। ଏ ନେଇ ନଂ.୮୦/୧୮ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଧୀରେନ ବେହେରା କହିଛନ୍ତି।

### ୫କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଦାରିଙ୍ଗବାଡ଼ି,୧୪।୧୦(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ପୋଲିସ ଶନିବାର ଅପରାହ୍ନରେ ଏକ ବାଇକରେ ଗଞ୍ଜେଇ ଚୋରା ଚାଲାଣବେଳେ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରିଛି। ସେହେଲେ ଗଞ୍ଜାମ ଜିଲାର ଦିଲିପ ବିଶୋୟୀ ବୋଲି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ପୋଲିସ ଦିଲିପଙ୍କ ଠାରୁ ୫କେଜି ଗଞ୍ଜେଇ ଜବତ କରିଛି। ଏନେଇ ନଂ.୧୪୧/୧୮ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବାଲିଗୁଡ଼ା ଅଞ୍ଚଳରୁ ୫୯ନଂ. ଜାତୀୟ ରାଜପଥରେ ଦାରିଙ୍ଗବାଡ଼ି ଦେଇ ଗଞ୍ଜାମ ଜିଲା ଅଭିମୁଖେ ଏକ ନମ୍ବର ବିହୀନ ବାଇକରେ ଗଞ୍ଜେଇ ଯାଉଥିବା ଖବର ପାଇ ଉକ୍ତ ଥାନା ଶ୍ରାନିକେତା ଠାରେ ଛପି ରହିଥିଲା।

### ସାପ କାମୁଡ଼ାରେ ଜଣେ ମୃତ

**ଫିରିଙ୍ଗିଆ, ୧୪।୧୦:** ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଗୋଛାପଡା ପଞ୍ଚାୟତ ଝରିଗାଁରେ ରବିବାର ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଙ୍ଗୁ ଦିଗାଲ(୫୫)। ବିଙ୍ଗୁ ସକାଳେ ନିକଟସ୍ଥ ନଦୀକୁ ଗାଧୋଇ ଯାଇଥିଲେ। ସେଠାରେ କୌଣସି ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଗୋଛାପଡା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଫୁଲବାଣୀ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଜି.ଉଦୟଗିରି ସହରକୁ ଜଳ ଯୋଗାଣ ବନ୍ଦ

ଜି.ଉଦୟଗିରି,୧୪।୧୦(ଡି.ଏନ.ଏ.)- ଜି.ଉଦୟଗିରି ସହରକୁ ଗୁରୁବାରରୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ୪ ଦିନ ହେବ ପାନୀୟ ଜଳ ବନ୍ଦ ଥିବାରୁ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଜି.ଉଦୟଗିରି ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଉଦୟ ପ୍ରଧାନଙ୍କୁ ପଚାରିବାରେ ବନ୍ୟାରେ ପମ୍ପ ହାଉସରେ ପାଣି ପଶି ମୋଟର ଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତଥାପି ରବିବାରଠାରୁ ଅନ୍ୟ ଏକ ମଟର ମଗାଯାଇ ସହରକୁ ଆଂଶିକ ଭାବେ ଜଳ ଯୋଗାଯାଉଛି । ଯାହା ସହରବାସୀଙ୍କ ପାଇଁ ଯଥେଷ୍ଟ ନୁହେଁ । ମଟର ମଗାଯାଇ ସହରକୁ ଜଳଯୋଗାଣ ସ୍ୱାଭାବିକ କରାଯିବ ବୋଲି ସେ କହିଥିଲେ । ଅତିଶୀଘ୍ର ନୂତନ ପମ୍ପ ମୋଟର ବସାଯାଇ ସହରକୁ ଠିକ ଭାବେ ପାନୀୟ ଜଳ ଯୋଗାଇବା ପାଇଁ ସହରବାସୀ ଦାବି କରିଛନ୍ତି । ତିତଲି ପ୍ରଭାବରେ ଜି.ଉଦୟଗିରିରେ ସର୍ବାଧିକ ୩୫୧ ମିମି ବର୍ଷା ହୋଇଥିଲା । କାକଲବାକି କେନାଲରେ ବନ୍ୟା ଜଳ ଆସି ପମ୍ପ ହାଉସ ଭିତରେ ପଶିଯିବା ଫଳରେ ପମ୍ପ ହାଉସ, ମୋଟର ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତେଣୁ ଅତିଶୀଘ୍ର ନୂଆ ମୋଟର ପମ୍ପ ଆଣି ସହରର ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ପୂର୍ବତନ କାଉନସିଲର ବିନୋଦ ବିହାରୀ ଦାଶ ଦାବି କରିଛନ୍ତି ।

# ନିମ୍ନମାନର ପଲିଥିନ ଯୋଗାଣକୁ ନେଇ ଉତ୍ତେଜନା

■୬୮୫ ପରିବାରଙ୍କ କ୍ଷତି ହୋଇଥିବା ଆବେଦନ

■୨୪ ଘଣ୍ଟା ଭୋକଉପାସରେ ଆଶ୍ରୟ ପରେ ଫେରିଲେ କ୍ଷତିଗ୍ରସ୍ତ ପରିବାର

ଦାରିଙ୍ଗବାଡ଼ି,୧୪।୧୦(ଡି.ଏନ.ଏ)

ତିତ୍ଲ ବାତ୍ୟାରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ୨୫ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ଦାରିଙ୍ଗବାଡ଼ି ସମେତ ବ୍ରାହ୍ମଣୀଗାଁ, ତାଜୁଙ୍ଗିଆ, ହାତିମୁଣ୍ଡା, କାଟିଙ୍ଗିଆ, ଦାରିଙ୍ଗବାଡ଼ି, ବାଡାବାଙ୍ଗା, ସିଆଙ୍ଗବାଲି, ଗ୍ରିନବାଡ଼ି, ଦାସିଂବାଡ଼ି, ସୋନପୁର, ସିର୍କାବର୍ଗ, ଦନେକବାଡ଼ି, କିରିକୁଟି, ବୁଡାଗୁଡ଼ା, ତିଲୋରୀ ଆଦି ପଞ୍ଚାୟତରେ ବହୁ ଘର କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ପରିବାର ରାଜସ୍ୱ ନିରୀକ୍ଷକ ଏବଂ ତହସିଲ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଶନିବାର ଅପରାହ୍ନ ସୁଦ୍ଧା ପ୍ରାୟ ୬୮୫ଟି ଅଭିଯୋଗ ଆସିଛି। ୩ ଶହ ଜଣଙ୍କୁ ପଲିଥିନ ପାଲ ପ୍ରଦାନ କରାଯାଇଥିବା ତହସିଲଦାର ସୁନିଲ କୁମାର ପ୍ରଧାନ କହିଛନ୍ତି। ଦୁର୍ଗମ ଅଞ୍ଚଳର ଲୋକ ଭୂସ୍ଖଳନ ଯୋଗୁ ପହଞ୍ଚି ପାରିନଥିବା ସେ କହିଛନ୍ତି। ନିମ୍ନମାନର ଓ ଛୋଟ ପଲିଥିନ ପାଲ ମିଳୁଥିବା ବହୁଲୋକ ଅଭିଯୋଗ କରିଛନ୍ତି। ଏନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଲୋକ ବିକ୍ଷୋଭ କରିବା ସହ ଉତ୍ତେଜନା ଦେଖାଯାଇଥିଲା। ତେବେ ତହସିଲଦାରେ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଲୋକଙ୍କ ଘରର କ୍ଷତିକୁ ଦେଖି ପଲିଥିନ ପାଲ ବଣ୍ଟନ କରାଯାଉଛି ଛୋଟ କ୍ଷତି ହୋଇଥିଲେ ଛୋଟ ପଲିଥିନ ପ୍ରଦାନ କରାଯାଉଥିବା ତହସିଲଦାର କହିଛନ୍ତି। ସେହିପରି ତାଜୁଙ୍ଗିଆ ପଞ୍ଚାୟତର ପ୍ରାୟ ୪୦ ପରିବାରଙ୍କ ଘର ଭାଙ୍ଗିଯିବା ସହ ଛପର ଉଡ଼ିଯାଇଥିବାରୁ ସେମାନେ ଗୁରୁବାର ବିଳମ୍ବିତ ରାତିରେ ସିକରମାହା ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଏକ ସଭାଗୃହରେ ଆଶ୍ରୟ ନେଇଥିଲେ। ତେବେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବାରୁ ସେମାନେ ଭୋକ ଉପାସରେ ଫେରିଥିଲେ ବୋଲି ପୂର୍ବତନ ସରପଞ୍ଚ ଜୋହନ ମୁଠାମାଝୀ ଅଭିଯୋଗ କରିଛନ୍ତି। ଏନେଇ ଦାରିଙ୍ଗବାଡ଼ି ବିଡିଓଙ୍କ ନିକଟରେ ସେ ଅଭିଯୋଗ କରିଥିଲେ। ସେହିପରି ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡାପାଟ ମଧ୍ୟ ବିଡିଓ ତ୍ରିଲୋଚନ ପାତ୍ରଙ୍କୁ ଅବଗତ କରାଇବା ସହ ବୃତା ଗୁଡ ଦେବାକୁ ନିବେଦନ କରିଥିଲେ। ଖବର ପାଇ ଶନିବାର ଅପରାହ୍ନରେ ବିଡିଓ ପାତ୍ର ଉକ୍ତ ଅଞ୍ଚଳ ଗସ୍ତ କରି ଲୋକଙ୍କୁ ସମସ୍ୟ ବୁଝି ଫେରିଛନ୍ତି।

## ଲୋହରା ଜାତିକୁ ଆଦିବାସୀ ମାନ୍ୟତା ଦାବି

ଫୁଲବାଣୀ ଅଫିସ, ୧୪।୧୦

କନ୍ଧମାଳ ଜିଲା ଲୋହରା ସମ୍ପ୍ରଦାୟ(କମାର)କୁ ଆଦିବାସୀ ମାନ୍ୟତା ଦେବାକୁ ଦାବି କରାଯାଇଛି। ରବିବାର ଫୁଲବାଣୀ ପ୍ରେସ୍ କ୍ଲବରେ ଓଡିଶା ପ୍ରଦେଶ ଆଦିବାସୀ ଲୋହରା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଏହି ଦାବି ଉପସ୍ଥାପନ କରାଯାଇଛି। ଦାବି ସମ୍ପର୍କରେ ପୂର୍ବରୁ ବାରମ୍ବାର ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି। ଜାତିର ସାମୂହିକ ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରୁ ନାହାନ୍ତି। ଏପରିକି ଜାତିର ଭୂମିହୀନ ଲୋକଙ୍କୁ ଚାଷ ଜମି, ଘରଡିହ ପଟ୍ଟା ବି ଦିଆଯାଉ ନାହିଁ। କୌଳିକ ବୃତ୍ତିକୁ ଆଧୁନିକ ପ୍ରଶିକ୍ଷଣ ପାଇଁ ଆର୍ଥିକ ସହାୟତା ଆବଶ୍ୟକ। ସମସ୍ତ ଦାବି ପୂରଣ ସହ ଲୋହରା ଜାତିକୁ ଆଦିବାସୀ




ଲୋହରା ବିକାଶ ପରିଷଦ କର୍ମକର୍ତ୍ତାମାନେ।

ମାନ୍ୟତା ଦିଆଯାଉ ବୋଲି ସଂଘ ଜିଲା ସଭାପତି ଋଷି ବିନ୍ଧାଣି ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି କରଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି କହିଛନ୍ତି। ଫିରିଙ୍ଗିଆ ବ୍ଲକ ସଭାପତି ଦଶରଥ ବିନ୍ଧାଣି, ଖଜୁରିପଡାର ବିଘ୍ନେଶ୍ୱର ବିନ୍ଧାଣି, ଟିକାବାଲିର ଅଭିରାମ ପ୍ରଧାନ, ଜି.ଉଦୟଗିରିର ଶରତ ଚନ୍ଦ୍ର ବିନ୍ଧାଣି, ରାଇକିଆର କୃଷ୍ଣଚନ୍ଦ୍ର ପ୍ରଧାନ, କ.ନୂଆଗାଁର ରବୀନ୍ଦ୍ର ବିନ୍ଧାଣି, ବାଲିଗୁଡାର ପ୍ରସନ୍ନ ବିନ୍ଧାଣି, କୋଟଗଡ, ତୁମୁଡିବନ୍ଧ, ଦାରିଙ୍ଗବାଡି ଏବଂ ଫୁଲବାଣୀର ସମସ୍ତ ବ୍ଲକ ସଭାପତିଙ୍କ ସମେତ ସମ୍ପାଦକମାନେ ସମ୍ମିଳନୀରେ ଉପସ୍ଥିତ ରହି ସେମାନଙ୍କ ମନ୍ତବ୍ୟ ରଖିଥିଲେ। ବିଜେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ତ୍ରୀସ୍ତରୀୟ କମିଟିଙ୍କ ଶେରଗଡ ଗସ୍ତ

ଶେରଗଡ,୧୪।୧୦(ଡି.ଏନ୍.ଏ.)

ଶେରଗଡ ବ୍ଲକକୁ ରାଜ୍ୟର ଏକ ମନ୍ତ୍ରୀସ୍ତରୀୟ କମିଟି ରବିବାର ଅପରାହ୍ନରେ ଆସି କ୍ଷୟକ୍ଷତି କାର୍ଯ୍ୟ ସମୀକ୍ଷା କରିଥିଲେ। ଉକ୍ତ କମିଟି ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜଳସମ୍ପଦ ଓ ଗୃହ ଓ ନଗର ଉନ୍ନୟନମନ୍ତ୍ରୀ ନିରଞ୍ଜନ ପୂଜାରୀ, ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ଯୋଗେନ୍ଦ୍ର ସ୍ୱାଇଁ ପ୍ରମୁଖ ଉକ୍ତ ଟିମ୍‌ରେ ଥିଲେ। ପ୍ରଥମେ ବ୍ଲକ ଅଧକ୍ଷାଙ୍କ କୋଠରୀରେ ସମୀକ୍ଷା କରିବା ସହ ବିଡିଓ ସୁରଞ୍ଜନ କୁମାର ସାହୁଙ୍କୁ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ୨୨ ପଞ୍ଚାୟତରେ ୯୫ଟି ଆଶ୍ରୟସ୍ଥଳୀ ସମେତ ୪ଟି ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାୟ ୧୫ହଜାର ଲୋକଙ୍କୁ ୩ଦିନ ହେଲା ରନ୍ଧାଖାଦ୍ୟ ଦିଆଯାଉଥିବା ବିଡିଓ କହିଥିଲେ। ସନ୍ଧ୍ୟା ସୁଦ୍ଧା ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇଯିବ ବୋଲି ସେ କହିଥିଲେ। ଲୋକଙ୍କ ନିକଟରେ ପାନୀୟଜଳ କିପରି ପହଞ୍ଚିବ ସେ ନେଇ ଧ୍ୟାନ ଦେବାକୁ କମିଟି ବିଡିଓଙ୍କୁ କହିଥିଲେ। ତହଁର-ପିତଳ ରାସ୍ତାରେ ପ୍ରତିବର୍ଷ ଋଷିକୁଲ୍ୟା କୂଳ ଖାଉଥିବାରୁ ବନ୍ଧ ନିର୍ମାଣ ପାଇଁ ବରିଷ୍ଠ ନେତା ହୀନ ବେହେରା ଦାବି କରିଥିଲେ। ବିଭିନ୍ନ ସ୍ଥାନରେ ହୋଇଥିବା କ୍ଷୟକ୍ଷତି ନେଇ କମିଟିକୁ ଅବଗତ କରାଯାଇଥିଲା।

## ମଦ ଜବତ, ୨ ଗିରଫ

ଶଙ୍କରାଖୋଲ,୧୪।୧୦(ଡି.ଏନ୍.ଏ.)

ଟିକାବାଲି ଥାନା ସମ୍ମୁଖରେ ରବିବାର ଅପରାହ୍ନ ୪ଟାରେ ଟିକାବାଲି ଥାନା ପକ୍ଷରୁ ଯାନବାହନ ଯାଞ୍ଚ ବେଳେ ବେଆଇନ୍ ମଦ ବିକ୍ରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶଙ୍କରାଖୋଲ ଗ୍ରାମର ଜଣେ ମହିଳା, ଅଟୋଚାଳକ ରଜତ ବେହେରା। ସେଠାରୁ ୧୦୦ ଲିଟର ବିଦେଶୀ ମଦ ସହ ଅଟୋ (ନଂ. ଓଡି ୧୨ଏ୭୪୫୯) ଜବତ କରାଯାଇଛି। ଏନେଇ ଟିକାବାଲି ଥାନାରେ ନଂ.୮୬/୧୮ରେ ମାମଲା ରୁଜୁ ହୋଇଛି। ଶଙ୍କରାଖୋଲରୁ ଅଟୋ ଯୋଗେ ମଦ ନେଇ ଘୁ.ଉଦୟଗିରି ଥାନା ଅଞ୍ଚଳର ଗ୍ରେସିଙ୍ଗିଆ ଗ୍ରାମକୁ ଯାଉଥିବା ବେଳେ ପୋଲିସ ଅଟୋକୁ ଅଟାକାଇଥିଲା। ଅଟୋ ନ ଅଟକି ତେଙ୍ଗେଡ଼ାପଥର ଛକ ଆଡକୁ ଯିବାବେଳେ ଟିକାବାଲି ଆଇଆଇସି ଆଦିତ୍ୟ କୁମାର ସେଠୀଙ୍କ ନେତୃତ୍ୱରେ ଅଟୋକୁ ଇଲେଟ୍ରି କାର୍ଯ୍ୟାଳୟ ଆଗରେ ଧରିବାକୁ ସକ୍ଷମ ହୋଇଥିଲେ।

## ବନ ସୁରକ୍ଷା ସମିତିରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ଫିରିଙ୍ଗିଆ,୧୪।୧୦

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ବରେବାଟା ମିନି ଅଙ୍ଗନୱାଡିର ନିଜସ୍ୱ ଗୃହ ନାହିଁ। ତେଣୁ ପିଲାମାନେ ଗ୍ରାମରେ ଥିବା ବନ ସୁରକ୍ଷା ସମିତି (ଭିଏସ୍ଏସ୍) ଗୃହରେ ପଢ଼ୁଛନ୍ତି। ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନି। ଏହି କେନ୍ଦ୍ରରେ ମୋଟ ୧୨ ପିଲା ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ନଦୀପାର ହୋଇ କୁମ୍ଭାରସାହିରୁ ଆସୁଛନ୍ତି। ୫ ବର୍ଷ ହେଲା ଭିଏସ୍ଏସ୍‌ରେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିଲେ ମଧ୍ୟ ଭିଏସ୍ଏସ୍ ସଦସ୍ୟମାନେ ସେଠାରେ ରୋଷେଇ ପାଇଁ ଅନୁମତି ଦେଉନାହାନ୍ତି। ତେଣୁ କର୍ମୀ ଜଣକ ଘରେ ରୋଷେଇ କରି ପିଲାମାନଙ୍କ ପାଇଁ ଆଣୁଛନ୍ତି। ଏ ନେଇ ଅଙ୍ଗନୱାଡି କର୍ମୀ ଲିନାଚାନ୍ଦ ମଲ୍ଲିକ କହିଛନ୍ତି, ଗାଁରେ ଆଜି ପର୍ଯ୍ୟନ୍ତ ଅଙ୍ଗନୱାଡି ଗୃହ ନିର୍ମାଣ ହୋଇପାରି ନାହିଁ। ବିଭାଗୀୟ ଅଧିକାରୀ ଗାଁ ମଣ୍ଡପରେ ପିଲାଙ୍କୁ ପଢ଼ାଇବା ପାଇଁ କହିଥିଲେ। ଗାଁରେ ୨ଟି ମଣ୍ଡପ



ଭିଏସ୍ଏସ୍‌ରେ ପିଲାମାନେ ପଢୁଛନ୍ତି।

ଥିଲେ ମଧ୍ୟ କେଉଁଠି ପଢ଼ାଯିବ ସ୍ଥିର ହୋଇପାରିଲାନି। ସମସ୍ତେ ବିରୋଧ କଲେ। ତେଣୁ ବାଧ ହୋଇ ପିଲାଙ୍କୁ ଭିଏସ୍ଏସ୍‌ରେ ପଢ଼ାଉଛି। ଘର ଖରାପ ହୋଇଯିବ ବୋଲି ଭିଏସ୍ଏସ୍ ସଦସ୍ୟ ରୋଷେଇ କରିବା ପାଇଁ ମନା କରିଛନ୍ତି। ତେଣୁ ବହୁ ଅସୁବିଧା ମଧ୍ୟରେ ଘରେ ରୋଷେଇ କରି ଆଣି ପିଲାଙ୍କୁ ଦେଉଛି ବୋଲି କର୍ମୀ ଜଣକ କହିଛନ୍ତି। ଏ ନେଇ ଅଙ୍ଗନୱାଡି ଦାୟିତ୍ୱରେ ଥିବା ସୁପରଭାଇଜର ଲହଡିମାଳା ପ୍ରଧାନ କହିଛନ୍ତି, ଗୃହ ନିର୍ମାଣ ପାଇଁ ଟଙ୍କା ଆସି ନ ଥିଲା। ଏବେ ଟଙ୍କା ଆସିଛି। ବରେବାଟା ସ୍କୁଲ ପାଖରେ ଅଙ୍ଗନୱାଡି ଗୃହ ନିର୍ମାଣ କରିବାକୁ ସ୍ଥାନ ଚିହ୍ନଟ କରିଛୁ। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର




@ ଗୌତମ



@ ଦେବାଶିଷ



@ ମିହିର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ହିଞ୍ଜିଳିକାଟୁରେ ପୌର ପ୍ରଶାସକଙ୍କ ତିତ୍ଲି ସମୀକ୍ଷା

ଆସିକା, ପୁରୁଷୋତ୍ତମପୁର ଏନ୍ଏସିକୁ ହିଞ୍ଜିଳିକାଟୁ ପୌରାଞ୍ଚଳ ପକ୍ଷରୁ ସହାୟତା

ହିଞ୍ଜିଳିକାଟୁ, ୧୪।୧୦(ଡ଼ି.ଏନ୍.ଏ)

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପୌର ପ୍ରଶାସକ ସଂଗ୍ରାମଜିତ ନାୟକ ରବିବାର ହିଞ୍ଜିଳିକାଟୁ ପୌରାଞ୍ଚଳରେ ତିତ୍ଲି ଓ ବନ୍ୟା କ୍ଷୟକ୍ଷତି ନେଇ ରବିବାର ଅପରାହ୍ନରେ ସମୀକ୍ଷା କରିଛନ୍ତି। ସହରାଞ୍ଚଳରେ ବାତ୍ୟା ଓ ବନ୍ୟା ପ୍ରଭାବରେ କ୍ଷତି ହୋଇଥିବା ରାସ୍ତାର ପୁନର୍ନିର୍ମାଣ, ପରିମଳ ବ୍ୟବସ୍ଥାର ସୁଧାର, ବିଶୋଧିତ ପାନୀୟଜଳ ବଣ୍ଟନ, ଆଲୋକୀକରଣର ପୁର୍ନବାହାଲ, ଭାଙ୍ଗିଯାଇଥିବା ଘର ଗୁଡିକର ପୁନର୍ନିର୍ମାଣ ପାଇଁ ଆବାସ ଓ ଅନ୍ୟାନ୍ୟ ଯୋଜନାରେ ହିତାଧିକାରୀ ଚୟନ ଉପରେ ଗୁରୁତ୍ୱର ସହ କାମ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାମର ସମୀକ୍ଷା କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା, ସ୍ୱଚ୍ଛ ଭାରତ ମିଶନର ରାଜ୍ୟ ଅତିରିକ୍ତ ମିଶନ ନିର୍ଦ୍ଦେଶକ କଲ୍ୟାଣ ରଥ, ତୁଡ଼ାର ସୌମ୍ୟରଞ୍ଜନ ସାହ ପ୍ରମୁଖ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ପୌରାଞ୍ଚଳ ପକ୍ଷରୁ ଶନିବାର ପୁରୁଷୋତ୍ତମପୁର ସହରକୁ ୨ଟି ଟ୍ୟାଙ୍କରରେ ପାନୀୟଜଳ ପଠାଯାଇଛି।



ହିଞ୍ଜିଳିକାଟୁ ପୌରାଞ୍ଚଳରେ ପୌରପ୍ରଶାସକ ଓ ଅନ୍ୟ ଅଧିକାରୀ।

## ଲମ୍ବାଗୁଡ଼ି ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

ଖଜୁରିପଡା,୧୪।୧୦(ଡି.ଏନ୍.ଏ.)

ଖଜୁରିପଡା ବ୍ଲକ ଦୂତିମେଣ୍ଡି ପଞ୍ଚାୟତ ଲମ୍ବାଗୁଡ଼ି ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ଅଭିଭାବକମାନେ ବିଦ୍ୟାଳୟର ପରିବେଶ ବୁଲି ଦେଖିବା ସହ ଶ୍ରେଣୀଗୃହ ନିଜ ପିଲାମାନଙ୍କ ପାଠପଢା ଆଦି ବିଭିନ୍ନ ବିଷୟ ନିରୀକ୍ଷଣ ପରେ ସନ୍ତୋଷ ବ୍ୟକ୍ତ କରିବା ସହ ପୂର୍ବପେକ୍ଷା ବିଦ୍ୟାଳୟ ସବୁକ୍ଷେତ୍ରରେ ଉନ୍ନତି କରିଥିବାରୁ ଓ ସେମାନଙ୍କ ପିଲାମାନେ ଏପରି ପରିବେଶରେ ରହି ପଢୁଥିବାରୁ ଖୁସିବ୍ୟକ୍ତ କରିଥିଲେ। ବୈଠକରେ ସ୍କୁଲର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କୁ ଧନ୍ୟବାଦ ଦେଇଥିଲେ ସମସ୍ତ ଅଭିଭାବକ। ଏହି ବିଦ୍ୟାଳୟରେ ୩୮୫ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହଷ୍ଟେଲରେ ୩୫୩ ଜଣ ରହି ପଢୁଥିବାବେଳେ ୩୨ଜଣ ଘରୁ ଯିବାଆସିବା କରୁଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏତେସଂଖ୍ୟ ପିଲା ଥାଇ ମଧ୍ୟ ଶୃଙ୍ଖଳା ଓ ସୁନ୍ଦର ପରିବେଶ ସହ ସୁ-ପରିଚାଳନାକୁ ନେଇ ଅଭିଭାବକମାନେ ସମସ୍ତଙ୍କୁ ଧନ୍ୟବାନ ଜଣାଇ ସଭା ସାଙ୍ଗ କରିଥିଲେ।

## ତିତ୍ଲି ବାତ୍ୟାରେ ଶତାଧିକ ହେକ୍ଟର ଧାନ ଫସଲ ନଷ୍ଟ

ଜି.ଉଦୟଗିରି,୧୪।୧୦(ଡି.ଏନ.ଏ.)

ତିତ୍ଲି ବାତ୍ୟା ପ୍ରଭାବରେ ଗୁରୁବାର, ଶୁକ୍ରବାର ପ୍ରବଳ ବର୍ଷାରେ ଜି.ଉଦୟଗିରି ବ୍ଲକରେ ଶହ ଶହ ଧାନ ଫସଲ ନଷ୍ଟ ହେବା ସହ ବ୍ଲକର ୮ଟି ପଞ୍ଚାୟତ ଓ ଏନ୍ଏସିରେ ୧ ଶହରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଯିବା ସହ ଅନେକ ରାସ୍ତା ଓ ବ୍ରିଜ ଭାଙ୍ଗି ଯାଇଛି । ସିରିକି, କଟଡ଼ଗଣ୍ଡା, କଟିଙ୍ଗିଆ, ରଟିଙ୍ଗିଆ ନିକଟରେ ପୋଲ ଭାଙ୍ଗି ଯାଇଛି ଓ ଅନେକ ରାସ୍ତା ଧୋଇ ହୋଇଯାଇଛି । ବ୍ଲକ ଅଞ୍ଚଳରେ ଶତାଧିକ ଘର ଭାଙ୍ଗି ଯାଇଛି ଓ ହଜାର ହଜାର ହେକ୍ଟର ଧାନ ଜମିରେ ବାଲି



କଟଡ଼ଗଣ୍ଡା ଠାରେ ବର୍ଷାରେ ପୋଲ ଧୋଇ ହୋଇଯାଇଛି।

ମାଡ଼ି ଯାଇଛି । ତେଣୁ ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ଲୋକଙ୍କ ଘର ମରାମତି, ଚାଷଜମିର କ୍ଷତିପୂରଣ ଦେବା ପାଇଁ ପୂର୍ବତନ ବ୍ଲକ ଅଧକ୍ଷ ବସନ୍ତ ପ୍ରଧାନ ଦାବି କରିଛନ୍ତି । ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ ସଂଯୋଗକୁ ପ୍ରାଥମିକତା ଦିଆଯାଇ କାମ ଆରମ୍ଭ କରାଯିବ ବୋଲି ଜି.ଉଦୟଗିରି ବିଡିଓ ତଥା ଭାରପ୍ରାପ୍ତ ଅତିରିକ୍ତ ଉପଜିଲାପାଳ ମିତାଞ୍ଜଳି ଦାଶ କହିଛନ୍ତି । ବର୍ତ୍ତମାନ କ୍ଷୟକ୍ଷତି ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିନାହିଁ। ରିପୋର୍ଟ ଆସିବା ପରେ ସରକାରଙ୍କ ରିଲିଫ କୋଡ ଅନୁଯାୟୀ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ ବୋଲି ସେ କହିଥିଲେ ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୧୫ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ଆସିକା ବନ୍ୟା ମନୁଷ୍ୟକୃତ

ଆସିକା, ୧୪।୧୦ (ଡି.ଏନ୍.ଏ): ୧୯୯୦ ରୁ ରୀତିମତ ଆସିକାରେ ଲାଗିରହିଥିବା ଏହି ବନ୍ୟା ପରିସ୍ଥିତି ମନୁଷ୍ୟକୃତ ବୋଲି ସାଧାରଣରେ ମତ ପ୍ରକାଶ ପାଉଥିଲା ବେଳେ ପ୍ରଶାସନିକ ହେୟ ମନୋଭାବ ଯୋଗୁ ଏହାକୁ ରୋକାଯାଇପାରୁ ନ ଥିବା ସାଧାରଣ ଅଭିଯୋଗ ହେଉଛି। ଆସିକା ସହର ମଧ୍ୟକୁ ସାଧାରଣତଃ ଉପରମୁଣ୍ଡ ଜାହାଡାଠାରୁ ଉଦ୍‌ବୃତ ଜଳ ଶୁକନଇରେ ପଡି ଆସିଥାଏ ଏବଂ ଏହା ଟିପିସର ନାଳ ଦେଇ ଋଷିକୁଲ୍ୟା ଓ ବଡ଼ନଦୀର ସଙ୍ଗମସ୍ଥଳରେ ପଡିଥାଏ। ତେବେ ଆସିକା ସହର ମଧ୍ୟରେ ଥିବା ତାଲୁକା ରୋଡ ଓ ବିନୋବା ମାର୍ଗରେ ପୂର୍ବରୁ ରହିଥିବା ଜଳ ନିଷ୍କାସନ ପଥ ଉପରେ ବର୍ତ୍ତମାନ ବଡ ବଡ ଅଟାଳିକା ନିୟମ ଉଲ୍ଲଙ୍ଘନ କରି ନିର୍ମାଣ ହୋଇଛି। ଫଳରେ ଜଳ ନିଷ୍କାସନରେ ବାଧା ଉପୁଜୁଛି। ସେହିଭଳି ଟିପିସର ନାଳର ଶେଷ ମୁଣ୍ଡରେ ରହିଥିବା ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରୁ ଏହି ଜଳ ଠିକ ରୂପେ ନଦୀକୁ ଯାଇପାରୁନାହିଁ। ସହରର ଉଦ୍‌ବୃତ ଜଳ ଜମି ରହି ବିଭିନ୍ନ ସାହି ବସ୍ତିରେ ବନ୍ୟା ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ପ୍ରଶାସନ ତୁରନ୍ତ ଦୃଷ୍ଟି ଏହାର ସମାଧାନ ନ କଲେ ଆଗାମି ଦିନରେ ପରିସ୍ଥିତି ଆହୁରି ସଙ୍ଗୀନ ହେବା ଆଶଙ୍କା ନିଶ୍ଚିତ।

### ବନ୍ୟା କ୍ଷୟକ୍ଷତିର ପ୍ରାଥମିକ ଆକଳନ

ଆସିକା, ୧୪।୧୦ (ଡି.ଏନ୍.ଏ): ବନ୍ୟା କ୍ଷୟକ୍ଷତି ନେଇ ତହସିଲ ପକ୍ଷରୁ କରାଯାଇଥିବା ଏକ ପ୍ରାଥମିକ ଆକଳନରେ ୧୧୩ ରାଜସ୍ୱ ଗ୍ରାମରେ ୧୦୫୬ଟି ବାସଗୃହ ଆଂଶିକ ଭାଙ୍ଗିରୁଜି ଯାଇଥିବା ଆକଳନ କରାଯାଇଛି। ସେହିଭଳି ବିଶେଷ କ୍ଷତିଗ୍ରସ୍ତ ଚାଷଜମି କ୍ଷେତ୍ରରେ ଆସିକା ବ୍ଲକର ୧୭ହଜାର ୫୫୦ ହେକ୍ଟର ଚାଷ ଜମି ମଧ୍ୟରୁ ୮ହଜାର ୨ଶହ ହେକ୍ଟରରେ ଧାନ ଚାଷ କରାଯାଇଥିଲା ଓ ୯ହଜାର ୩ଶହ ୫୦ ହେକ୍ଟରରେ ପନିପରିବା, ଆଖୁ, କପା ଆଦି ଚାଷ କରାଯାଇଥିଲା। ଏହି ଚାଷ ଜମି ମଧ୍ୟରୁ ୮୦ଭାଗ ଜମିରେ ୭୦ ରୁ ୮୦ ପ୍ରତିଶତରୁ ଅଧିକ କ୍ଷତି ଘଟିଥିବା କୃଷି ବିଭାଗ ପକ୍ଷରୁ ପ୍ରାଥମିକ ଆକଳନ କରାଯାଇଛି। ଖରିଫ ଧାନ ଫସଲ ଫୁଲ ଧରିଥିଲା ବେଳେ ଚାଷଜମିରେ ବର୍ତ୍ତମାନ ସୁଧା ବନ୍ୟାଜଳ ପରିପୂର୍ଣ୍ଣ ହୋଇ ରହିଥିବାରୁ ଧାନ ଫସଲ କ୍ଷତିର ସମ୍ମୁଖୀନ ହେବା ନିଶ୍ଚିତ ହୋଇଯାଇଛି।

### ପୂର୍ବତନ ବିଧାୟକଙ୍କ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ଆର.ଉଦୟଗିରି, ୧୪।୧୦(ଡି.ଏନ.ଏ.):ଆର.ଉଦୟଗିରି ନୂଆଗଡ଼ ବ୍ଲକରେ ତିତ୍‌ଲିରେ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକୁ କଂଗ୍ରେସର ପୂର୍ବତନ ବିଧାୟକ ଦାଶରଥି ଗମାଙ୍ଗ ଶୁକ୍ରବାର ଓ ଶନିବାର ପରିଦର୍ଶନ କରିଛନ୍ତି। ବ୍ଲକର ମହେନ୍ଦ୍ରଗନ, କୁମାରିସାହି, ନୂଆସାହି, ତୁବୁରୁବା, ସୁଗୁବା, ପିତାମାରୀ, ଅରଖପଦା, ଢେପସାହି, ବୁରୁସାହି, ରଣାଲଇ, ଛେଲାଗଡ଼, ଅଞ୍ଜରବା, ଅଞ୍ଜରସାହି, ଡେଙ୍ଗାଆମ୍ବ, ଖ୍ରୀଷ୍ଟପୁର, ବାଉଁଶାକଟା, ମକାପଦା, ପାଇକରାୟ୍ଯ, ତଇ, ଡୁଙ୍ଗର, ମଝିସାହି, ବିଦ୍ୟାଧରପୁର, ସାଇଲଙ୍ଗ, ରାଜପୁର ଏବଂ ଛେଲିଗଡ଼, ନୂଆଗଡ଼ ବ୍ଲକର ତାବରନା, ନୂଆଗଡ଼, କେରେଡ଼ାଙ୍ଗ, ଖଜୁରିପଦା, ରାଗେଇଝୁଲି ଏବଂ ବିଭିନ୍ନ ଗ୍ରାମ ପରିଦର୍ଶନ କରି ସାରିବା ପରେ ଆର.ଉଦୟଗିରି ଓ ନୂଆଗଡ଼ ତହସିଲ ପ୍ରଶାସନ ସହ ଆଲୋଚନା କରିଥିଲେ । କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ରିଲିଫ ଯୋଗାଇ ଦେବାକୁ ଦାବି କରିଥିଲେ ।

### ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ବଣ୍ଟନ



ଆର.ଉଦୟଗିରି, ୧୪।୧୦(ଡି.ଏନ.ଏ.): ଆର.ଉଦୟଗିରି ବ୍ଲକର ବିଭିନ୍ନ ଗ୍ରାମରେ କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତ କରିବା ସହ ବିଡିଓ ପ୍ରଦୀପ କୁମାର ନାୟକ ଶନିବାର ମଙ୍ଗରାଜପୁର ପଞ୍ଚାୟତର ଜାମଢ଼ୋଲ, ଜଲଙ୍ଗୀ, ବେହେରାସାହି, ପୋଲସରା ଏବଂ ସର୍ଗୀସାହି ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ପରିଦର୍ଶନ କରିଥିଲେ । ଜାମଢ଼ୋଲ ଗ୍ରାମରେ ଘରଦ୍ୱାର ନଷ୍ଟ ହୋଇଥିବା ୩୦୦ ବ୍ୟକ୍ତିଙ୍କୁ ପଲିଥିନ ବଣ୍ଟନ କରିଥିଲେ । ତାଙ୍କ ସହ ବ୍ଲକ ଅଧ୍ୟକ୍ଷା ଅନିତା ମଣ୍ଡଳ, ସୁପରଭାଇଜର, ଆରଆଇ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ସେ କହିଥିଲେ ଅନ୍ୟ ଗ୍ରାମଗୁଡ଼ିକର କ୍ଷତିଗ୍ରସ୍ତ ଲୋକଙ୍କୁ ଚିହ୍ନଟ କରି ସରକାରୀ ସହାୟତା ଯୋଗାଇ ଦିଆଯିବ।

# ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ, ଫସଲ କ୍ଷତିର ତୁରନ୍ତ ଆକଳନ ଲାଗି ନିର୍ଦ୍ଦେଶ

ଆସିକା, ୧୪।୧୦(ଡି.ଏନ୍.ଏ)

ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ରବିବାର ଦିନ ବନ୍ୟାପ୍ଲାବିତ ଆସିକା ଅଞ୍ଚଳ ପରିଦର୍ଶନରେ ଆସିଥିଲେ। ଏତଦ ଅବସରରେ ଚିନିଶିଳ୍ପ ଅତିଥି ଭବନ ଠାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ବନ୍ୟାଞ୍ଚଳରେ ଚାଲିଥିବା ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ବନ୍ୟାରେ ବିଶେଷ କରି ଚାଷିକୁଳ ଘୋର କ୍ଷତିର ସମ୍ମୁଖୀନ ହୋଇଥିବା ସେ ଅନୁଭବ କରିଥିଲା ବେଳେ କ୍ଷତିଗ୍ରସ୍ତ ଚାଷିଙ୍କ ଫସଲ କ୍ଷତିର ଆକଳନ ତୁରନ୍ତ ସାରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ମନ୍ତ୍ରୀଙ୍କ ସହ ଜଳସଂପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ଏହି ବୈଠକରେ ବନ୍ୟାରେ ଭାଙ୍ଗିରୁଜି ଯାଇଥିବା ନଦୀବନ୍ଧ ଗୁଡିକର ତୁରନ୍ତ ମରାମତି ନିମନ୍ତେ ନିର୍ଦ୍ଦେଶ ଦେଇଥିଲା ବେଳେ ଶକ୍ତି ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ବନ୍ୟାଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଯଥାଶିଘ୍ର ସ୍ୱଭାବିକ ସ୍ଥିତିକୁ ଆଣିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହାଛଡା ଆସିକା ସହରରେ ଜଳନିଷ୍କାସନ ପଥରେ ହୋଇଥିବା ଅବରୋଧକୁ ହଟାଇ ଜଳନିଷ୍କାସନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ଆଗାମି ଦିନରେ ସରକାରଙ୍କ ପକ୍ଷରୁ ଦୃଢପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ମହାନ୍ତି ବୈଠକରେ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଆସିକା ବିଧାୟକ ଦେବରାଜ ମହାନ୍ତି ଏହି ବୈଠକରେ ଚାଷିକୁଳ ଓ ବ୍ୟବସାୟୀମାନେ ଏହି ବନ୍ୟାର ଘୋର ଶିକାର ହୋଇଥିବାରୁ ସେମାନଙ୍କ କ୍ଷତିର ଭରଣା ନିମନ୍ତେ ସରକାରଙ୍କ ପକ୍ଷରୁ ଯେତେ ଅଧିକ ସହାୟତା ମିଳିପାରିବ ସେ ଦିଗରେ ମନ୍ତ୍ରୀ ଦୃଷ୍ଟି ଦେବା ଲାଗି ଅନୁରୋଧ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ.ପି. ସିଦ୍ଧାନ୍ତ ମହାପାତ୍ର, ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା, ଭଞ୍ଜନଗର ଉପଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଆସିକା ବିଡିଓ ଗାୟତ୍ରୀଦ ନାୟକ, ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠିଆ, ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଆସିକା ବଜାରରେ କ୍ଷତି ହୋଇଥିବା ଦୋକାନ।

## ଛତ୍ରପୁରରେ ୩ ମନ୍ତ୍ରୀଙ୍କ ସମୀକ୍ଷା

ଛତ୍ରପୁର,୧୪।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ହୋଇଥିବା ବାତ୍ୟା ଓ ବନ୍ୟାର କ୍ଷତି ନେଇ ଏକ ସମୀକ୍ଷା ବୈଠକ ରବିବାର ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ସମୀକ୍ଷା କରିଥିଲେ । ଜିଲାର ୧୩ଟି ବ୍ଲକ ବନ୍ୟାରେ ପ୍ରଭାବିତ ହୋଇଛି । ୩ ଦିନ ମଧ୍ୟରେ ରିଲିଫ୍ ଟଙ୍କା ବଣ୍ଟନ ଆରମ୍ଭ କରିବାକୁ କୁହାଯାଇଛି । ଚାଷୀମାନଙ୍କର କ୍ଷତିର ରିପୋର୍ଟ ପ୍ରସ୍ତୁତ କରି କ୍ଷତିପୂରଣ ଦିଆଯିବ । ଋଷିକୁଲ୍ୟା ନଦୀରେ ବନ୍ୟାର ସ୍ଥାୟୀ ପ୍ରତିକାର କରାଯିବ । ଗଞ୍ଜାମ ଜିଲାରେ ରିଲିଫ ପାଇଁ ୨୬ କୋଟି ଟଙ୍କା ଆବଶ୍ୟକ । ଉଠା ଜଳସେଚ ପ୍ରକଳ୍ପ କାର୍ଯ୍ୟକ୍ଷମ, ବିଭିନ୍ନ ବିଭାଗର ରାସ୍ତା ମରାମତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ବ୍ରହ୍ମପୁର ଏମପି ସିଦ୍ଧାନ୍ତ ମହାପାତ୍ର, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ସୋରଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଜିଲପାଳ ବିଜୟ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।

## ରଣ୍ଡା ଠାକୁରାଣୀ ଯାତ୍ରା ଉଦ୍‌ଯାପନ



ଠାକୁରାଣୀ ମା'ଙ୍କ ସାହି ପରିକ୍ରମା।

କନିଷି,୧୪।୧୦(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡା ଗ୍ରାମରେ ଗତ ୧୦ରୁ ଆରମ୍ଭ ହୋଇଥିବା ଠାକୁରାଣୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ରବିବାର ଯାତ୍ରା ଦେଖିବା ପାଇଁ ସକାଳୁ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ ଚଳିତବର୍ଷ ମାନସିକଙ୍କ ଦୀପ ବନ୍ଦ କରାଯାଇଥିବା ଯୋଗୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ରାତ୍ର ଠାକୁରାଣୀ ମା'ଙ୍କ ଡ଼ାକରା ପରେ ମାଁ ସାହି ପରିକ୍ରମା କରିଥିଲେ। ଆଗରେ ବାଦ୍ୟବାଜଣା ସହ ପରଭା, ଘୋଡ଼ା, ଷଣ୍ଢ, ବାଘ ଆଦି ପରିବେଷଣ କରାଯାଇଥିଲା। ପ୍ରତିସାହିରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଯାତ୍ରାର କିମ୍ବଦନ୍ତୀ ରହିଛି ଯେ, ପାଞ୍ଚ ଦିନ ପର୍ଯ୍ୟନ୍ତ ମନ୍ଦାର ଫୁଲଟି ମଉଳି ନ ଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୋଳନ୍ଥରା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଯାତ୍ରାରେ ପ୍ରତ୍ୟେକ ସାହିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ଦିଗପହଣ୍ଡି ବନ୍ୟାଞ୍ଚଳ ସ୍ଥିତି ପରଖିଲେ ଯୋଗାଣ ମନ୍ତ୍ରୀ

## ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



କଳିଙ୍ଗଦଳା ଗାଁ ପରିଦର୍ଶନ କଲେ ମନ୍ତ୍ରୀ।

ଦିଗପହଣ୍ଡି,୧୪।୧୦(ଡି.ଏନ.ଏ.)

ଦିଗପହଣ୍ଡି ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ରବିବାର ପୂର୍ବାହ୍ନରେ ଦିଗପହଣ୍ଡି ବ୍ଲକର ବାତ୍ୟା ଓ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗଡ଼ଗୋବିନ୍ଦପୁର, ଜକର, ଗୌଡ଼ଗାଁ, ଚୌଧୁରିଟିକରପଡ଼ା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରିଥିଲେ । ଭୟଙ୍କର ବାତ୍ୟା ତିତ୍‌ଲି ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁ ବାହୁଦା ନଦୀରେ ବନ୍ୟା ହୋଇଥିଲା । ମନ୍ତ୍ରୀ ବନ୍ୟା ପ୍ରଭାବିତ କଳିଙ୍ଗଦଳା, ଧାନ୍ୟରାଶି, ଟିକରପଡ଼ା, ଭ୍ରମରପୁର, ଦାଉଣୀ, ଗୌଡ଼ଗାଁ, ତେଣ୍ଟୁଆପଡ଼ା ଗାଁକୁ ଯାଇ ବିପନ୍ନ ଲୋକଙ୍କୁ ଭେଟିଥିଲେ । ସମ୍ପୃକ୍ତ ଅଞ୍ଚଳରେ ରାସ୍ତାଘାଟ, ବିଦ୍ୟୁତ୍ ସରବରାହ, ପାନୀୟ ଜଳ ପ୍ରକଳ୍ପ, ବହୁ ସଂଖ୍ୟକ କଲଭର୍ଟ ଓ ଚାଷଜମିରେ ବ୍ୟାପକ କ୍ଷତି ହୋଇଥିବା ବୁଲି ଦେଖିଥିଲେ । ଭିତ୍ତିଭୂମିର ପୁନରୁଦ୍ଧାର ଓ ପୁନର୍ଗଠନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଉପସ୍ଥିତ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦିଗପହଣ୍ଡି ବ୍ଲକ ଅଧୀନରେ ଥିବା ଗ୍ରାମଗୁଡ଼ିକରେ ଘଟିଥିବା କ୍ଷୟକ୍ଷତି ସମ୍ପର୍କରେ ଆକଳନ କରି ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଉପସ୍ଥିତ ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁ, ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରାଙ୍କୁ ପରାମର୍ଶ ଦେଇଥିଲେ । ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ହରିବନ୍ଧୁ ରେଡ୍ଡୀ, କୃଷ୍ଣଚନ୍ଦ୍ର ସାହୁ, ଅସିତ କୁମାର ସାହୁଙ୍କ ସମେତ ଜଳ ସମ୍ପଦ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

### ପୁନଃନିର୍ମାଣ ନେଇ ଜିଲାପାଳଙ୍କ ଅନୁଧ୍ୟାନ

ହିଞ୍ଜିଳିକାଟୁ,୧୪।୧୦(ଡି.ଏନ୍.ଏ.)

ତିତ୍‌ଲି ବାତ୍ୟା ଓ ବନ୍ୟାରେ ହିଞ୍ଜିଳିକାଟୁରେ ପୁନର୍ନିର୍ମାଣ ନେଇ କି ପଦକ୍ଷେପ ନିଆଯାଇଛି ସେନେଇ ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ହିଞ୍ଜିଳିକାଟୁ ବ୍ଲକରେ ଅନୁଧ୍ୟାନ କରିଛନ୍ତି। ଜିଲାପାଳ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର ଏବଂ ଅନ୍ୟ ଅଧିକାରୀଙ୍କୁ ନେଇ ପୁନର୍ନିର୍ମାଣ ସମୀକ୍ଷା କରିଥିଲେ। କ୍ଷୟକ୍ଷତି ନେଇ ବିଭାଗୀୟ ଅଧିକାରୀମାନେ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ଓ ବନ୍ୟା ପରବର୍ତ୍ତୀ ପୁନର୍ନିର୍ମାଣ ନେଇ ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକରେ ତ୍ୱରିତ ପଦକ୍ଷେପ ନିଆଯାଇଥିବାରୁ ଜିଲାପାଳ ସନ୍ତୋଷ ବ୍ୟକ୍ତ କରିଥିଲେ।

## ଭାଜପା ପକ୍ଷରୁ ରିଲିଫ୍ ବଣ୍ଟନ

ଚିକିଟି,୧୪।୧୦(ଡି.ଏନ.ଏ.)

ତିତ୍‌ଲି ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଚିକିଟି ବ୍ଲକ୍‌ର ଚାନ୍ଦପୁର, ନୂଆପଡା, ଲାଲମେଣ୍ଟା, କଳବାଡ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶନିବାର ଭାଜପାର ବରିଷ୍ଠ ନେତା ଶଙ୍କର ପ୍ରଧାନ ଗସ୍ତ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ସମବେଦନା ସହ ଚୁଡା, ଚିନି, କମ୍ବଳ ବଣ୍ଟନ କରିଛନ୍ତି । ଏଥିସହ ବର୍ଷା ଓ ପବନରେ ଘରର କାନ୍ଥ ପଡି ମୃତ୍ୟୁବରଣ କରିଥିବା କେ.ନୂଆଗାଁ ଗ୍ରାମର ରାଜେଶ୍ୱରୀ ନାୟକ (୧୩)ଙ୍କ ପରିବାରଙ୍କୁ ୧ ହଜାର ଟଙ୍କା ଓ ଖାଦ୍ୟ, କମ୍ବଳ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପାର ବରିଷ୍ଠ ନେତା ଓ କର୍ମୀ ମୀନକେତନ ଚୌଧୁରୀ, ଶ୍ରୀମାଳି ପ୍ରଧାନ, ପ୍ରଶାନ୍ତ ଜାହ୍ନିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।



କ୍ଷତିଗ୍ରସ୍ତ ପରିବାରକୁ ଚୁଡା, ଚିନି, କମ୍ବଳ ବଣ୍ଟନ।

## ତିତ୍‌ଲି ପ୍ରଭାବରେ ଧରାକୋଟ ବ୍ଲକ ଧ୍ୱସ୍ତବିଧ୍ୱସ୍ତ

ଧରାକୋଟ,୧୪।୧୦(ଡି.ଏନ୍.ଏ.)

ତିତ୍‌ଲି ବାତ୍ୟା ଧରାକୋଟ ବ୍ଲକରେ ଧ୍ୱଂସର ତାଣ୍ଡବ ଲୀଳା ରଚାଇ ପ୍ରଶାସନର ନିଦ ହଜାଇ ଦେଇଛି। ଜନଜୀବନ ଅସ୍ତବ୍ୟସ୍ତ କରିବା ସହ ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଧରାକୋଟ ବିଡିଓ ରବି ନାରାୟଣ ତ୍ରିପାଠୀ ଏବଂ ତହସିଲଦାର ଗଦାଧର ପାତ୍ରଙ୍କ ଆକଳନ ଅନୁଯାୟୀ ପ୍ରାୟ ୭୦ରୁ ୮୦ ପ୍ରତିଶତ ଚାଷଜମି ବାଲିଚର ହୋଇ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଇଛି। ଜାହାଡା, ସିଙ୍ଗପୁର ପଞ୍ଚାୟତକୁ ଗମନାଗମନ ଏବେ ବି ବିଚ୍ଛିନ୍ନ ହୋଇପଡ଼ିଛି। ପ୍ରଶାସନିକ ଅଧିକାରୀମାନେ ସମସ୍ତ ପଞ୍ଚାୟତରେ ମାଗଣା ଖାଦ୍ୟ ବଣ୍ଟନ କରିଥିବାବେଳେ ପଞ୍ଚାୟତ ଗୋଦାମ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମହଜୁଦ ଥିବା ଚାଉଳ ବର୍ଷା ପାଣିରେ ଭିଜି ନଷ୍ଟ ହୋଇଯାଇଛି। ୧୧ ତାରିଖ ସୁଦ୍ଧା ୨୦୪ ମିଲିମିଟର ବର୍ଷା ହୋଇଛି। ଜାନବିଲ ନିକଟ ଋଷିକୁଲ୍ୟା କେନାଲର ଆଡିବନ୍ଧ ତାଳପାଟଗା ଓ ଧରାକୋଟ ନିକଟସ୍ଥ ଜଳ, ଆନିକଟ ନିକଟସ୍ଥ ଋଷିକୁଲ୍ୟା ନଦୀର ଜାହାଡ ପଟ ହିଡ ଭାଙ୍ଗିଥିବାରୁ ଜାହାଡାରେ ୧୦ ଫୁଟରୁ ଊର୍ଦ୍ଧ୍ୱ ବନ୍ୟା ପାଣି ଯାଇ ଶହ ଶହ ହେକ୍ଟର ଚାଷଜମିରେ ପଶିଯାଇଛି। ତେବେ ପ୍ରଭାବିତ ଚାଷୀଙ୍କୁ ଶୀଘ୍ର ସରକାରୀ ସହାୟତା ପ୍ରଦାନ ପାଇଁ ସମଗ୍ର ବ୍ଲକ ଅଞ୍ଚଳରେ ଦାବି ହୋଇଛି।

## ଚିକିଟି ବ୍ଲକ୍‌ରେ ବ୍ୟାପକ ପରିମାଣରେ କ୍ଷୟକ୍ଷତି ଘଟିଛି : ମନୋରଞ୍ଜନ

ଚିକିଟି,୧୪।୧୦(ଡି.ଏନ.ଏ.)

ତିତ୍‌ଲି ପ୍ରଭାବରେ ୨ ଦିନ ଧରି ବର୍ଷା ଓ ପବନରେ ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ବ୍ଲକ୍ ଚାନ୍ଦପୁର, ନୂଆପଡା, ଲାଲମେଣ୍ଟା, କଳବାଡ, ରାମେୟାପାଟନା, ଏକ୍‌ସିଙ୍ଗି, ସୋରଳ, ଅନ୍ତରାୟପୁର, ପାଟିସୁନପୁର ଆଦି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି । କୌଣସି ଆଗୁଆ ସୂଚନା ନ ଥାଇ ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ତୁରୁବୁଡି ନିକଟରେ ଅବସ୍ଥିତ ବାଘଲଟି ପ୍ରକଳ୍ପର ବନ୍ୟାଜଳ ଛାଡିଦେବା ଫଳରେ ହଜାର ହଜାର ଲୋକଙ୍କର ଘରେ ପାଣି ପଶି ଘରଗୁଡିକ ଭାଙ୍ଗି ଯିବା ସହ ଆସବାବପତ୍ର ଏବଂ ହଜାର ହଜାର ହେକ୍ଟର ଧାନ ଫସଲ, ପନିପରିବା ଫସଲ ଜଳମଗ୍ନ ହୋଇଯାଇଛି । ଅନେକ ଗ୍ରାମବାସୀ ଜଳବନ୍ଦୀ ହେବାସହ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛନ୍ତି ଏବଂ ଆଜି ପର୍ଯ୍ୟନ୍ତ ରାସ୍ତାଘାଟର ପୁନରୁଦ୍ଧାର ହୋଇନାହିଁ ଏବଂ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଚିକିଟି ନିର୍ବାଚନ ମଣ୍ଡଳୀରେ ଦୀର୍ଘ ୧୯ ବର୍ଷ ଧରି ନିର୍ବାଚିତ ହୋଇ ଆସୁଥିବା ରାଜ୍ୟର ବରିଷ୍ଠ ମନ୍ତ୍ରୀ ଉଷା ଦେବୀ ଏହି ବଡ ବିପତ୍ତିକୁ ହେୟଜ୍ଞାନ କରିଛନ୍ତି । ଆଜିସୁଦ୍ଧା କୌଣସି ମନ୍ତ୍ରୀ ଉକ୍ତ ବ୍ଲକ୍‌ର କ୍ଷତିଗ୍ରସ୍ତ ଅଞ୍ଚଳକୁ ଆସି ନ ଥିବା ଏହା ଉଦ୍‌ବେଗଜନକ । ତିତ୍‌ଲିର ପ୍ରଭାବରେ ଚାନ୍ଦପୁର ବଜାରର ଲକ୍ଷାଧିକ ଟଙ୍କାର ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି ଏବଂ ଅନେକ ପରିବାର ନିରାଶ୍ରୟ ଅଛନ୍ତି । ତେବେ ବାତ୍ୟାକୁ ୪ଦିନ ବିତିଯାଇଥିଲେ ସୁଦ୍ଧା ସେମାନଙ୍କୁ ଥଇଥାନ କିମ୍ବା ରନ୍ଧାଖାଦ୍ୟ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଚିକିଟି ନିର୍ବାଚନମଣ୍ଡଳୀର ଭାଜପା ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା ଅଭିଯୋଗ କରିଛନ୍ତି । ଏଣୁ ତିତ୍‌ଲି ପ୍ରଭାବରେ କ୍ଷତିଗ୍ରସ୍ତ ଚାଷୀ ଏବଂ ପରିବାରଙ୍କୁ ରାଜ୍ୟ ସରକାର ତୁରନ୍ତ କ୍ଷତିପୂରଣ ଏବଂ ବାସହରା ପରିବାରଙ୍କୁ ଇନ୍ଦିରାବାସ ଯୋଗାଇବାକୁ ଦାବି କରିଛନ୍ତି ।

## ରାଜସ୍ୱ, ନଗର ଉନ୍ନୟନ ମନ୍ତ୍ରୀଙ୍କ ଦିଗପହଣ୍ଡି ଗସ୍ତ

ଦିଗପହଣ୍ଡି,୧୪।୧୦(ଡି.ଏନ.ଏ.)

ସାମୁଦ୍ରିକ ବାତ୍ୟା ତିତ୍‌ଲି ପରବର୍ତ୍ତୀ ପ୍ରବଳ ବୃଷ୍ଟିପାତ ଯୋଗୁ ସୃଷ୍ଟି ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜଳ ସମ୍ପଦ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗଜପତି ଜିଲା ଗସ୍ତ ସାରି ଅପରାହ୍ନ ପ୍ରାୟ ୩ଟାରେ ଦିଗପହଣ୍ଡିରେ ପହଞ୍ଚିଥିଲେ । ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ରାଜସ୍ୱ ମନ୍ତ୍ରୀଙ୍କ ସହ ଅନୌପଚାରିକ ଭାବେ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବାତ୍ୟା ଓ ବନ୍ୟା ସ୍ଥିତିର ସମ୍ମୁଖୀନ ହୋଇଥିବା ଲୋକମାନଙ୍କୁ ରିଲିଫ ଯୋଗାଣ ଏବଂ ମୌଳିକ ଭିତ୍ତିଭୂମିର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ସରକାରୀ ସ୍ତରରେ ସମସ୍ତ ପଦକ୍ଷେପ ନିଆଯାଇଥିବା ନେଇ ରାଜସ୍ୱ ମନ୍ତ୍ରୀ ଧରିତ୍ରୀକୁ କହିଛନ୍ତି । ବାତ୍ୟା ପରବର୍ତ୍ତୀ ବର୍ଷା ଓ ବନ୍ୟାରେ ଗଜପତି ଓ ଗଞ୍ଜାମ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ମୁଖ୍ୟମନ୍ତ୍ରୀ ବିପନ୍ନଙ୍କ ଲାଗି ରିଲିଫ ଘୋଷଣା କରିଛନ୍ତି । ରାସ୍ତାଘାଟ ଯୋଗାଯୋଗ ପୁନଃସ୍ଥାପନ କରାଯାଇଛି । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ବ୍ୟବସ୍ଥା କରାଯିବ । ରିଲିଫ ଏବଂ ପୁନରୁଦ୍ଧାର କରାଯିବା ପରେ ପ୍ରଶାସନିକ ସ୍ତରରେ କ୍ଷୟକ୍ଷତି ଆକଳନ ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିକଟରେ ସହାୟତା ଦାବି କରାଯିବ ବୋଲି ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ।

- ■ କ୍ଷୟକ୍ଷତି ବୁଲି ଦେଖିଲେ
- ■ ସମସ୍ତ ବିପନ୍ନଙ୍କୁ କ୍ଷତିପୂରଣ ଦିଆଯିବ
- ■ ମୌଳିକ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି

ମନ୍ତ୍ରୀଙ୍କ ସହ ବ୍ରହ୍ମପୁର ଏମ୍‌ପି ଡ. ସିଦ୍ଧାନ୍ତ ମହାପାତ୍ର, ଗୋପାଳପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟା ରେଣୁବାଳା ପ୍ରଧାନ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ରାଜ୍ୟ ଓସ୍‌କାର୍ଡ ବ୍ୟାଙ୍କ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ସାନଖେମୁଣ୍ଡି ବିଧାୟିକାଙ୍କ ପ୍ରତିନିଧି ସହଦେବ ପ୍ରଧାନ, ସାନଖେମୁଣ୍ଡି ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ବିଶୋୟୀ, ଜିଲା ପରିଷଦ ସଦସ୍ୟ ଶଙ୍କର୍ଷଣ ସ୍ୱାଇଁଙ୍କ ସମେତ ସାନଖେମୁଣ୍ଡି ବିଡିଓ ଶିବ ଶଙ୍କର ମିଶ୍ର, ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଇଂ. ବାବୁଲି ଚାନ୍ଦ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ପରେ ମନ୍ତ୍ରୀଙ୍କ ସହ ବ୍ଲକ ପ୍ରତିନିଧିମାନେ ସାନଖେମୁଣ୍ଡି, ଶେରଗଡ଼ ବ୍ଲକକୁ ଗସ୍ତ କରିଛନ୍ତି।



ଡାକବଙ୍ଗଳାରେ ମନ୍ତ୍ରୀ, ଏମ୍‌ପି ଓ ବିଧାୟିକା।



ପଡ଼ିଆରେ ଦଳକୁ ନେତୃତ୍ୱ ଦେବାର ସାମର୍ଥ୍ୟ ନ ଥିବାରୁ ଲିଓନେଲ ମେସିଙ୍କୁ ଫୁଟ୍‌ବଲର ଭଗବାନ ବୋଲି କହିବା ଯଥାର୍ଥ ନୁହେଁ

–ଡିଏଗୋ ମାରାଡୋନା, ଆର୍ଜେଣ୍ଟିନା ଫୁଟ୍‌ବଲ କିମ୍ବଦନ୍ତୀ



ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ଭଲ ଖେଳିଥିବାରୁ ଦ୍ୱିତୀୟ ଟେଷ୍ଟରେ ସମର୍ଥକମାନେ ଆମଠାରୁ ବିଜୟ ଆଶା କରୁଛନ୍ତି।

–ଆଝାର ଅଲି, ପାକିସ୍ତାନର ସିନିୟର ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଜୋକୋଭିଚ୍ ଜିତିଲେ ସାଂଘାଇ ମାଷ୍ଟର୍ସ

**ଶାଂଘାଇ, ୧୪।୧୦ (ଏଏଫ୍‌ପି):** ନୋଭାକ ଜୋକୋଭିଚ୍ ସାଂଘାଇ ମାଷ୍ଟର୍ସ ଟେନିସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୯୧ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା କ୍ରୋଏସିଆର ବୋର୍ନା କୋରିକ୍‌ଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ସେ ବିଶ୍ୱର ନମ୍ବର ୱାନ ଖେଳାଳି ରାଫାଲ ନାଡାଲଙ୍କ ନିକଟତର ହୋଇ ପାରିଛନ୍ତି। ସୋମବାର ନୂଆ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇବ। ୩୧ବର୍ଷୀୟ ସର୍ବୀୟ ଖେଳାଳି ରୋଜର ଫେଡେରରଙ୍କୁ ହଟାଇ ର୍‍ୟାଙ୍କିଙ୍ଗ ତାଲିକାର ଦ୍ୱିତୀୟ ସ୍ଥାନ ଅଧିକାର କରିନେବେ। ଜୋକୋଭିଚଙ୍କର ଏହା ହେଉଛି କ୍ରମାଗତ ୧୮ତମ ଏଟିପି ମ୍ୟାଚ ବିଜୟ। ଏଇ କିଛି ମାସ ମଧ୍ୟରେ ସେ ସିନ୍‌ସିନାଟି ମାଷ୍ଟର୍ସ, ୟୁଏସ ଓପନ ଏବଂ ବର୍ତ୍ତମାନ ସାଂଘାଇ ମାଷ୍ଟର୍ସ ଟାଇଟଲ ବିଜୟୀ ହୋଇ ପାରିଛନ୍ତି। ଗତ ୪ ମାସ ହେଲା ସେ ଚମତ୍କାର ଫର୍ମରେ ଅଛନ୍ତି।

### ଭାରତ ଏ'- ଅଷ୍ଟ୍ରେଲିଆ ଏ' ପ୍ରଥମ ଦିନିକିଆ ଆଜି

**ମୁମ୍ବାଇ,୧୪।୧୦(ପି.ଟି.):** ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ସୋମବାର ଭାରତ ଏ' ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ଏ' ଦଳ ପରସ୍ପରକୁ ଭେଟିବେ। ସ୍ଥାନୀୟ ମୁମ୍ବାଇ- କୁର୍ଲା କମ୍ପ୍ଲେକ୍ସ ଫ୍ୟାସିଲିଟିରେ ଏହି ମ୍ୟାଚ ଖେଳାଯିବ। ଏହି ଭେନ୍ୟୁର ସିରିଜର ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଯଥାକ୍ରମେ ଅକ୍ଟୋବର ୧୭ ଓ ୧୯ ତାରିଖରେ ଖେଳାଯିବ। ସିରିଜରେ ଘରୋଇ ଦଳରେ ବେଞ୍ଚ୍ ଷ୍ଟ୍ରେନ୍ଥର ପରୀକ୍ଷା ହେବ। ଭାରତୀୟ ଅଧିନାୟିକା ପୁନମ ରାଉତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଗତବର୍ଷ ଅନୁଷ୍ଠିତ ବିଶ୍ୱକପ୍‌ରେ ପୁନମ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ଫାଇନାଲରେ ପହଞ୍ଚାଇଥିଲେ। ସେ ଏହି ସିରିଜରେ ମଧ କମାଲ କରିବା ଆଶା କରାଯାଉଛି। ସେହିପର ମୋନା ମେଶ୍ରାମ, ରାଜେଶ୍ୱରୀ ଗାଏକ୍ୱାଡ ଓ ଶିଖା ପାଣ୍ଡେଙ୍କ ଭଳି ତାରକା ଖେଳାଳି ଦଳରେ ସାମିଲ ରହିଛନ୍ତି। ଭଲ ପ୍ରଦର୍ଶନ କରି ଭାରତୀୟ ଖେଳାଳିମାନେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ଲକ୍ଷ୍ୟରେ ରହିଛନ୍ତି।



ସାଂଘାଇ ମାଷ୍ଟର୍ସ ଟେନିସ ଟାଇଟଲ ଜିତିବା ପରେ ଟ୍ରଫିକୁ ଚୁମ୍ବନ ଦେଉଛନ୍ତି ନୋଭାକ ଜୋକୋଭିଚ୍ ।

# ଫାଇନାଲରେ ଭାରତୀୟ ପୁରୁଷ, ମହିଳା

## ୟୁଥ୍ ଅଲିମ୍ପିକ୍ସ

ବୁଏନ୍ସ ଆରିଜ,୧୪।୧୦(ପି.ଟି.)

ଏଠାରେ ଚାଲିଥିବା ୟୁଥ୍ ଅଲିମ୍ପିକ୍ସର ୫ ଏ ସାଇଡ୍ ହକି ଇଭେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ପୁରୁଷ ଓ ମହିଳା ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତ ଅତିକମ୍‌ରେ ଦୁଇ ରୌପ୍ୟ ପଦକ ନିଶ୍ଚିତ କରିଛି। ପୁରୁଷ ବିଭାଗ ସେମିଫାଇନାଲରେ ଭାରତ ଆୟୋଜକ ଆର୍ଜେଣ୍ଟିନାକୁ ୩–୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ମହିଳା ଦଳ ୩–୦ ଗୋଲରେ ଚାଇନାକୁ ହରାଇ ଫାଇନାଲ ଟିକେଟ ହାସଲ କରିଛି। ଏବେ ଫାଇନାଲରେ ଭାରତୀୟ ପୁରୁଷ ଦଳ ମାଲେସିଆକୁ ଭେଟିବ। ସେହିପରି ମହିଳା ଦଳ ଟାଇଟଲ ପାଇଁ ଆୟୋଜକ ଆର୍ଜେଣ୍ଟିନା ବିପକ୍ଷରେ ଫାଇନାଲ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ। ଭାରତ ପ୍ରଥମଥର ପାଇଁ ୟୁଥ ଅଲିମ୍ପିକ୍ସ ହକିରେ ଅଂଶଗ୍ରହଣ କରି ଆଶାନୁରୂପ ପ୍ରଦର୍ଶନ କରିଛି। ଗତ ଦୁଇଟି ସଂସ୍କରଣରେ ଭାରତ ଅଂଶଗ୍ରହଣ କରି ନ ଥିଲା। ୫ ଏ ସାଇଡ୍ ହକି ଆପେକ୍ଷାକୃତ ଛୋଟ ପଡିଆରେ ଖେଳାଯାଇଥାଏ। ଏହା ପ୍ରଥମଥର ପାଇଁ ୨୦୧୪ ସିଙ୍ଗାପୁର ୟୁଥ ଅଲିମ୍ପିକ୍ସରେ ସାମିଲ ହୋଇଥିଲା। ସେମିଫାଇନାଲରେ ଭାରତ ତରଫରୁ ସୁଦୀପ ଚିରମାକୋ ୧୨ ଓ ୧୮ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ରାହୁଲ କୁମାର ରାଜଭର ତୃତୀୟ ମିନିଟ୍‌ରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ତେବେ ଆର୍ଜେଣ୍ଟିନା ତରଫରୁ ଅଧିନାୟକ ଫାକୁଣ୍ଡୋ ଜାରାଟ ଚତୁର୍ଥ ମିନିଟରେ ଏକ ମାତ୍ର ଗୋଲ ସ୍କୋର କରିଥିଲେ। ଉଭୟ ଦଳ ଏକାଧିକ ସୁଯୋଗ ହାସଲ କରିଥିଲେ ମଧ ଗୋଲ ଦେଇ ପାରି ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସ୍କୋର ୧–୧ ଗୋଲରେ ଅମୀମାଂସିତ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତ ଆର୍ଜେଣ୍ଟିନା ବିପକ୍ଷରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଭାରତୀୟ ଗୋଲ କିପର ପ୍ରଶାନ୍ତ ଚୌହାନ ସୁନ୍ଦର ପ୍ରଦର୍ଶନ କରି ଆର୍ଜେଣ୍ଟିନାର କେତୋଟି ପ୍ରୟାସକୁ ପଣ୍ଡ କରିଥିଲେ ଓ ଶେଷରେ ଭାରତ ବାଜି ମାରିଥିଲା। ଅପରପକ୍ଷରେ ମହିଳା ସେମିଫାଇନାଲରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଚାଇନାକୁ କୌଣସି ସୁଯୋଗ ଦେଇ ନ ଥିଲା। ଭାରତ ତରଫରୁ ମମ୍‌ତାଜ ଖାଁ ପ୍ରଥମ, ରିତ୍ ପଞ୍ଚମ ଓ ଲାଲରେମସିଆମି ୧୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚାଇନା କେତୋଟି ସୁଯୋଗ ସୃଷ୍ଟି କରି ଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ଫଳରେ ଶେଷରେ ଭାରତ ୩–୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା।

# ରେସଲିଂରେ ସିମରନଙ୍କୁ ରୌପ୍ୟ

ବୁଏନ୍ସ ଆରିଜ, ୧୪।୧୦(ପି.ଟି.)

ଏଠାରେ ଚାଲିଥିବା ୟୁଥ୍ ଅଲିମ୍ପିକ୍ସରେ ଭାରତୀୟ ମହିଳ ରେସଲର ସିମରାନ କୌର ରୌପ୍ୟ ପଦକ ହାସଲ କରିଛନ୍ତି। ସିମରନ ମହିଳା ଫ୍ରିଷ୍ଟାଇଲ ୪୩ କେ.ଜି. ବର୍ଗ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଛନ୍ତି। ତେବେ ସମରନଙ୍କୁ ପରାସ୍ତ କରି ଆମେରିକାର ଏମିଲି ଶିଲସନ ଶୀର୍ଷରେ ରହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ସିମରନ ୨୦୧୭ କ୍ୟାଡେଟ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୪୦ କେ.ଜି. ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ଏମିଲିଙ୍କଠାରୁ ୬– ୧୧ରେ ପରାସ୍ତ ହୋଇଥିଲେ ଓ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ୨୦୧୮ କ୍ୟାଡେଟ ବିଶ୍ୱ ଚାମ୍ପିୟନଶିପ୍‌ରେ ଶିଲସନ ୪୩ କେ.ଜି. ବର୍ଗ ପ୍ରତିଯୋଗିତାରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରେସଲିଂରେ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ମାନସୀ ଅଷ୍ଟମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

ଏପର୍ଯ୍ୟନ୍ତ ଭାରତୀୟ ଆଥ୍‌ଲେଟମାନେ ୪ ସ୍ୱର୍ଣ୍ଣ ଓ ୭ଟି ରୌପ୍ୟ ପଦକ ଜିତିଛନ୍ତି। ଭାରୋତ୍ତୋଳନରେ ଜେରେମୀ ଲାଲରିନୁଙ୍ଗା, ଶୁଟିଂରେ ସୌରଭ ଚୌଧୁରୀ, ମହିଳା ଶୁଟିଂରେ ମନୁ ଭାକର, ବ୍ୟାଡମିଣ୍ଟନ ମିକ୍ସଡ ଟିମ୍ ଇଭେଣ୍ଟରେ ଲକ୍ଷ୍ୟ ସେନ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଶୁଟିଂରେ ତୁଷାର ମାନେ, ଜୁଡୋରେ ତବାବି ଦେବୀ, ଶୁଟିଂରେ ମେହୁଲି ଘୋଷ, ଶୁଟିଂରେ ତବାବୀ ଦେବୀ, ଶୁଟିଂରେ ଅନ୍ୟଏକ ଇଭେଣ୍ଟରେ ମନୁ ଭାକର, ବ୍ୟାଡମିଣ୍ଟନ ବାଳକ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ରୌପ୍ୟ ଓ ଶେଷରେ ରେସଲିଂରେ ସମରନ କୌର ରୌପ୍ୟ ପଦକ ହାସଲ କରିଛନ୍ତି।

## ପେସ୍‌ଙ୍କୁ ସିଜନର ଦ୍ୱିତୀୟ ଟାଇଟଲ

ନୂଆଦିଲ୍ଲୀ, ୧୪।୧୦ (ପି.ଟି.)

ଭାରତର ଭେଟେରାନ ଟେନିସ୍ ଷ୍ଟାର ଲିଆଣ୍ଡର ପେସ୍ ୨୦୧୮ସିଜନ ଚ୍ୟାଲେଞ୍ଜର ସ୍ତରରେ ତାଙ୍କ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ରବିବାର ସେ ଓ ତାଙ୍କ ପାର୍ଟନର ମିଗୁଏଲ ଆଞ୍ଜେଲ ରିୟେସ–ଭାରେଲା ସାଣ୍ଟୋ ଡୋମିଙ୍ଗୋ ଓପନ ଟ୍ରଫି ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ଇଣ୍ଡୋ–ମେକ୍ସିକାନ ଯୋଡ଼ିଙ୍କର ଏହା ଥିଲା ଲଗାତର ଦ୍ୱିତୀୟ ଫାଇନାଲ। ଟାଇଟଲ ମୁକାବିଲାରେ ଏହି ଯୋଡ଼ି ଏରିଏଲ ବେହାର ଓ ରବର୍ଟୋ କ୍ୱିରୋଜଙ୍କୁ ୪–୬, ୬–୩, ୧୦–୫ ସେଟ୍‌ରେ ହରାଇ ଦେଇଥିଲେ। ଏହି ମ୍ୟାଚ ୧ ଘଣ୍ଟା ୨୬ ମିନିଟ ଧରି ଚାଲିଥିଲା। ବର୍ତ୍ତମାନ ର୍‍ୟାଙ୍କିଙ୍ଗ ତାଲିକାରେ ୬୯ତମ ସ୍ଥାନରେ ରହିଥିବା ପେସ୍ ରବିବାରର ଏହି ବିଜୟ ଦ୍ୱାରା ୧୧୦ ର୍‍ୟାଙ୍କିଙ୍ଗ ପଏଣ୍ଟ ଲାଭ କରିଛନ୍ତି। ଏହାଛଡ଼ା ଦୁଇ ପାର୍ଟନର ୭୭୫୦ ଆମେରିକୀୟ ଡଲାର ପୁରସ୍କାର ରାଶିକୁ ଉଭୟେ ବାଣ୍ଟି ନେଇଛନ୍ତି। ୪୫ ବର୍ଷୀୟ ପେସ୍ ଓ ଆଞ୍ଜେଲ ଗତ ସପ୍ତାହରେ ଜୀବନ ନେଦୁନଚେଝିଆନ ଓ ମାର୍ସିଲୋ ଆରେଭାଲୋଙ୍କଠାରୁ ପରାସ୍ତ ହୋଇ ମଣ୍ଟେରୀ ଚ୍ୟାଲେଞ୍ଜରରେ ରନର୍ସଅପ୍ ହୋଇଥିଲେ। ପେସ୍ ଆହୁରି ମଧ୍ୟ ଶିକାଗୋସ୍ଥିତ ଡଲାସ ଏଟିପି ଚ୍ୟାଲେଞ୍ଜର ସର୍କିଟରେ ରନର୍ସଅପ୍ ହୋଇଥିଲେ। ଜାନୁୟାରୀରେ ସେ ନ୍ୟୁପୋର୍ଟ ବିଚ୍ ଇଭେଣ୍ଟ ଜିତିଥିଲେ। ଏତଦ୍‌ବ୍ୟତୀତ ପେସ୍ ଏଟିପି ୱାର୍ଲ୍ଡ ଟୁର୍‌ରେ ୱିନଷ୍ଟନ ସାଲେମ ଓପନ ଏବଂ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍‌ଠାରେ ଜେମି ସେରେଟାନିଙ୍କ ସହ ରନର୍ସ ଅପ୍ ହୋଇଛନ୍ତି।

## ଗାର୍ସିଆ ଜିତିଲେ ଟିଆନଜିନ୍ ଓପନ୍

ବେଜିଂ, ୧୪।୧୦ (ଏଏଫ୍‌ପି)

ଫ୍ରେଞ୍ଚ ଖେଳାଳି କାରୋଲିନ୍ ଗାର୍ସିଆ ଚଳିତ ବର୍ଷ ତାଙ୍କର ପ୍ରଥମ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ୧୬ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଗ୍ରାସିଆ ଟପ୍ ସିଡ୍ ଚେକ୍ ରିପବ୍ଲିକର କାରୋଲିନା ପ୍ଲିସକୋଭାଙ୍କୁ ୭–୬ (୭/୯), ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ଗାର୍ସିଆଙ୍କ କ୍ୟାରିୟରର ଏହା ହେଉଛି ୬ଷ୍ଠ ଟାଇଟଲ। ସୂଚନାଯୋଗ୍ୟ, ୨୦୧୭ରେ ଏହି ଖେଳାଳି ଉହାନ୍ ଓ ବେଜିଂଠାରେ ପଛକୁ ପଛ ଦୁଇଟି ଟାଇଟଲ ହାସଲ କରିବା ସହ ସିଜନ ଶେଷ ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।



